## ସଂକ୍ଷେପରେ

### ହଟିଲା ଜବରଦଖଲ
#### ଜମିର ସୁରକ୍ଷା ପାଇଁ ତାରବାଡ କରାଯିବ



**ନବରଙ୍ଗପୁର,୨୯।୮(ବି.ପ୍ର.)-** ନନ୍ଦାହାଣ୍ଡି ତହସିଲ ଅଧୀନ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ସମ୍ମୁଖ ରାସ୍ତା କଡରୁ ପୁଣି ଥରେ ଜବରଦଖଲ ଉଚ୍ଛେଦ କରାଯାଇଛି। ନନ୍ଦାହାଣ୍ଡି ତହସିଲଦାର ଓ ପୋଲିସ ପ୍ରଶାସନର ଉପସ୍ଥିତିରେ ଜବର ଦଖଲ ଉଚ୍ଛେଦ କରାଯାଇଛି । ସରକାରୀ ଅଧୀନରେ ଥିବା ଏହି ଜାଗାକୁ ଦୀର୍ଘ ଦିନ କବଜା କରି ସେଠାରେ ଲୋକମାନେ ବ୍ୟବସାୟ କରୁଥିଲେ । ପ୍ରଶାସନ ପକ୍ଷରୁ ଜବରଦଖଲ କାରିଙ୍କୁ ସ୍ଥାନ ଖାଲି କରିବା ପାଇଁ ନୋଟିସ ଜାରି କରାଯାଇଥିଲା। ପ୍ରଶାସନର ନିର୍ଦ୍ଦେଶକୁ ବେଖାତିରି କରି ଜବରଦଖଲ କରି ଆସୁଥିଲେ । ମାସକ ତଳେ ଏଠାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଏଠାରେ ଜବର ଦଖଲ ନକରି ସ୍ଥାନକୁ ଖାଲି ରଖିବା ପାଇଁ କଡା ତାଗିଦ କରାଯାଇଥିଲା । ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବା ପରେ ପୁନଃ ସେହି ସ୍ଥାନରେ ଘର ଗୁଡିକ ତିଆରି କରି ବ୍ୟବସାୟୀମାନେ ବ୍ୟବସାୟ ଆରମ୍ଭ କରିଥିଲେ । ପୁଣି ଥରେ ନନ୍ଦାହାଣ୍ଡି ତହସିଲଦାରଙ୍କ ଉପସ୍ଥିତିରେ ଭାଙ୍ଗି ଦିଆଯାଇଛି । ଏହାର ସ୍ଥାୟୀ ସମାଧାନ ପାଇଁ ଉକ୍ତ ସ୍ଥାନରେ ତହସିଲ ପକ୍ଷରୁ ତାର ବାଡ କରାଯାଇ ମୂଲ୍ୟବାନ ସ୍ଥାନର ସୁରକ୍ଷା ଦିଆଯିବ ବୋଲି ତହସିଲଦାର ହିମାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ନବରଙ୍ଗପୁର,୨୯।୮(ବି.ପ୍ର)-** କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ମଝିଆ ଗାଁର ସୁକଦେବ ମାଝୀ(୩୦) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସୁକଦେବ ଶୌଚ ପାଇଁ ଯିବା ବେଳେ ଭାଲୁ ଆକ୍ରମଣ କରିଥିଲା। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ସ୍କାଉଟ, ଗାଇଡଙ୍କ ତୃତୀୟ ସୋପାନ ପରୀକ୍ଷା ଶିବିର

**କୋରାପୁଟ,୨୯।୮(ସ୍ୱ.ପ୍ର.):** କୋରାପୁଟ ଶିକ୍ଷା ଜିଲାର ସ୍କାଉଟ ଓ ଗାଇଡମାନଙ୍କ ତୃତୀୟ ସୋପାନ ପରୀକ୍ଷା ସୁନାବେଡ଼ାସ୍ଥିତ ଏଡିଏଭି ଉଚ୍ଚ ବିଦ୍ୟାଳୟରେ ଗତ ୨୭ ଓ ୨୮ ଦୁଇଦିନ ଧରି ଆୟୋଜିତ ହୋଇଛି । ଏଥିରେ ୯ଟି ୟୁନିଟର ୭୭ ଜଣ ସ୍କାଉଟ ଓ ଗାଇଡ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କାଉଟ ଓ ଗାଇଡଙ୍କୁ ଉତ୍ସାହିତ କରିଥିଲେ। ବନ୍ୟାବାତ୍ୟା ଓ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍କାଉଟ ଓ ଗାଇଡମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଉଦ୍‌ଘାଟନ ସମୟରେ ଜିଲା କମିଶନର (ସ୍କାଉଟ) ଭାସ୍କର ଚନ୍ଦ୍ର ସାହୁ, ଜିଲା ସଂପାଦକ ବିପ୍ରଚରଣ ପଣ୍ଡା, ଜିଲା ସଂଗଠନ କମିଶନର (ସ୍କାଉଟ), ଶିବ ପ୍ରସାଦ ପାଢ଼ୀ ଓ ଜିଲା ସଂଗଠନ କମିଶନର (ଗାଇଡ) ନିଧି ତ୍ରିପାଠୀ ଉପସ୍ଥିତ ଥିଲେ।

## ■ ଜିଲା ସଦର ମହକୁମା ଡାକ୍ତରଖାନା
# ଖବରଦାତାଙ୍କୁ ପ୍ରବେଶ ମନା

- ■ ଘାରିଛି ଗୁମର ଖୋଲିବା ଭୟ
- ■ ଅତିରିକ୍ତ ଜିଲା ଚିକିତ୍ସାଧିକାରୀଙ୍କୁ ପଚାରିଲେ ଉତ୍ତର ମିଳୁନି
- ■ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନଥିବା ସ୍ୱାସ୍ଥ୍ୟ ପ୍ରଶାସନ ଏବେ ଖବରଦାତାଙ୍କ ପ୍ରତି ଖପ୍ପା

**ନବରଙ୍ଗପୁର,୨୯।୮(ବି.ପ୍ର.)**

ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ଭିତରକୁ ଖବରଦାତାଙ୍କୁ ପ୍ରବେଶ ମନା। ସମସ୍ୟା ପ୍ରତି ଗୁରୁତ୍ୱ ଦେଉନଥିବା ସ୍ୱାସ୍ଥ୍ୟ ପ୍ରଶାସନ ଏବେ ଖବରଦାତାଙ୍କ ପ୍ରତି ଖପ୍ପା। ଖବରଦାତା ଡାକ୍ତରଖାନା ଭିତରେ ପଶି ତଥ୍ୟ ସଂଗ୍ରହ କରି ପାରିବେ ନାହିଁ କି ଫଟୋ ଉଠାଇ ପାରିବେ ନାହିଁ। ଆଉଟ ଡୋର ଓ ଇନଡୋରକୁ ଯିବାକୁ ସିକ୍ୟୁରିଟି ଗାର୍ଡ ସମେତ ନର୍ସ ଓ ଷ୍ଟାଫ ନର୍ସ ପ୍ରମୁଖ ମନା କରୁଛନ୍ତି। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ(ମେଡିକାଲ)ଙ୍କ ନିର୍ଦ୍ଦେଶ ରହିଛି ବୋଲି ସେମାନେ କହୁଛନ୍ତି । ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ପାଇଁ ଏହାର ଫଟୋ ଉତ୍ତୋଳନ ପାଇଁ ଖବରଦାତାମାନେ ଡାକ୍ତରଖାନା ଯାଇଥିଲେ। ସେଠାରେ ଖବରଦାତାଙ୍କୁ ପ୍ରବେଶ କରିପାରିବେ ନାହିଁ , ଫଟୋ, ଭିଡିଓ ଉତ୍ତୋଳନ କରିପାରିନେ ନାହିଁ ବୋଲି କର୍ମଚାରୀ ତାଗିଦ କରିଥିଲେ । ଡାକ୍ତରଖାନାର ଗୁମର ଖୋଲିଯିବା ଭୟରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଆଲୋଚନା ହେଉଛି। ନବରଙ୍ଗପୁର ଜିଲା ଓୟୁଜେ ସଂଘ ପକ୍ଷରୁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ମେଡିକାଲ) ରଞ୍ଜିତ କୁମାର ପଟ୍ଟନାୟକଙ୍କୁ ଏହାର କାରଣ ସମ୍ପର୍କରେ ପଚରାଯାଇଥିଲା । ତେବେ ଅଥେରିଟିଙ୍କ ନିର୍ଦ୍ଦେଶ ରହିଛି ବୋଲି ସେ କହିଥିଲେ । ତେବେ କେଉଁ ଅଥେରିଟି ଏବଂ ତାଙ୍କ ନାମ ପଚାରିବାରୁ କହି ନଥିଲେ । ଏସମ୍ପର୍କରେ ସେ କୌଣସି ମତାମତ ମଧ୍ୟ ଦେବାକୁ ମନା କରି ଦେଇଥିଲେ । ଖବରଦାତାମାନେ ଡାକ୍ତରଖାନାରେ ପଶି ଫଟୋ ଓ ଭିଡିଓ ଉତ୍ତୋଳନ କଲେ ଡାକ୍ତରଖାନାର ଅନେକ ଗୁମର ଫିଟିଯିବ ସେହି ଭୟ ରହିଛି କି ବୋଲି ପ୍ରଶ୍ନ କରିଥିଲେ । ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାରେ ଅବହେଳା, କେତେକ କର୍ମଚାରୀ ଚିକିତ୍ସା ନାମରେ ଓ ପ୍ରସବ ପାଇଁ ଟଙ୍କା ମାଗିବା ଆଦି ଧରାପଡିଯିବାର ଭୟ ଦେଖା ଗଲାଣି ବୋଲି ପ୍ରଶ୍ନ କରିବାରୁ ଏହାର କୌଣସି ଉତ୍ତର ଦେଇ ନ ଥିଲେ । ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ପାନୀୟ ଜଳ ସମସ୍ୟା, କର୍ମଚାରୀଙ୍କ ଦରମା ଠିକ ସମୟରେ ହୋଇ ପାରୁ ନାହିଁ। ଡାକ୍ତର ଓ ବିଶେଷଜ୍ଞଙ୍କୁ ବସିବା ପାଇଁ କ୍ୟାବିନ ଯୋଗାଇ ଦିଆଯାଉନଥିବାରୁ ଅନେକ ଡାକ୍ତର ବସି ରୋଗୀ ସେବା ଯୋଗାଇବାରେ ଅସମର୍ଥ ହେଉଛନ୍ତି । କେବଳ ଏତିକି ନୁହେଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଧ୍ୟ ଏମସିଏଚ କୋଠାରେ ସେବା କାର୍ଯ୍ୟ ଆରମ୍ଭ ହୋଇ ପାରୁ ନାହିଁ। ମୁଖ୍ୟମନ୍ତ୍ରୀ ଏହି କୋଠାକୁ ଉଦଘାଟନ କରି ତିନିବର୍ଷ ବିତି ଗଲାଣି ତଥାପି ଜିଲା ସ୍ୱାସ୍ଥ୍ୟ ବିଭାଗର ନିଘା ନାହିଁ । ଜିଲାରେ ରୋଗୀ ବେଡ ନ ପାଇ ଚଟାଣରେ ରଖାଯାଇ ଚିକିତ୍ସା କରାଯାଉଛି । ଭିତ୍ତିଭୂମି ଥାଇ ମଧ୍ୟ ଏମସିଏଚରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉନାହିଁ । ଏଭଳି ସମସ୍ୟାଗୁଡିକର ସମାଧାନ ନହୋଇ ଅତିରକ୍ତ ଜିଲା ଚିକିତ୍ସା ଅଧିକାରୀ ପଟ୍ଟନାୟକ ଖବରଦାତାଙ୍କୁ ଡାକ୍ତରଖାନାକୁ ପ୍ରବେଶ ପାଇଁ ମନା କରିବା ଅତି ବିଡମ୍ବନାର ବିଷୟ ଓ ନିନ୍ଦନୀୟ ବୋଲି ଅଭିଯୋଗ ହେଉଛି । ଆଇସିୟୁ, ଅସ୍ତ୍ରୋପଚାର କକ୍ଷ, ନବଯାତ ଶିଶୁ ଯତ୍ନ କେନ୍ଦ୍ର ଆଦି ସ୍ଥାନକୁ ଖବରଦାତା ଓ ଅନ୍ୟମାନଙ୍କୁ ପ୍ରବେଶ ନ କରିବାକୁ ନିର୍ଦ୍ଦେଶ ରହିଛି ତାହା ସମସ୍ତ ଗଣମାଧ୍ୟମ ପ୍ରତିନିଧି ଜାଣନ୍ତି । ଏନେଇ କୌଣସି ଅଭିଯୋଗ ନଥିବା ସତ୍ତ୍ୱେ ଡାକ୍ତରଖାନାର ୱାର୍ଡ ଭିତରେ ପ୍ରବେଶ ପାଇଁ ମନା କରିବା ପଛରେ କଣ ରହିଛି ତାହା ତଦନ୍ତ ସାପେକ୍ଷ । ଅନ୍ୟ ପକ୍ଷେ ଡାକ୍ତରଖାନା ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଛି । ପୋଲିସ ଓ ପ୍ରଶାସନର ଉପସ୍ଥିତିରେ ଏହାର ଯାଞ୍ଚ କରାଯାଉ । ସେଥିରୁ ଜଣାପଡିବ ଯେ କିଏ ଫଟୋ ନେଉଛି ଓ ଡାକ୍ତରଖାନା ପରିରସରେ କ'ଣ ଅବ୍ୟବସ୍ଥା ରହିଛି ବୋଲି ଖବରଦାତା କହିଥିଲେ। ତେବେ ଅତିରିକ୍ତ ଜିଲାଚିକିତ୍ସା ଅଧିକାରୀ କୌଣସି ପ୍ରଶ୍ନର ଉତ୍ତର ଦେଇ ନ ଥିଲେ।




ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

## ଜାତୀୟ କ୍ରୀଡା ଦିବସ ପାଇଁ ଶୋଭାଯାତ୍ରା

**ନବରଙ୍ଗପୁର,୨୯।୮(ବି.ପ୍ର.)**

ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଗୁରୁବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲାପାଳ ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲା କ୍ରୀଡାଧିକାରୀ ମହେନ୍ଦ୍ର କୁମାର ସାହୁ, ଏମ୍. ବାଲ କ୍ରିଷ୍ଣା ରାଓ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ କ୍ରୀଡା ଶିକ୍ଷକ ଉପସ୍ଥିତ ଥିଲେ। ଶୋଭାଯାତ୍ରା ଶେଷରେ ନୋଡାଲ ଆରସିଡି ହାଇସ୍କୁଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ଖେଳର ବିଭିନ୍ନ ଉପଦେୟତା ଉପରେ ଆଲୋକପାତ କରିଥିଲେ।

## ତହସିଲଦାରଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

**ଦଶମନ୍ତପୁର, ୨୯।୮(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମା ପଞ୍ଚାୟତ ଡକ୍ରୀବେଡା ଗାଁସ୍ଥିତ ପୋଡ ନଦୀରୁ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଚାଲାଣ ହେଉଛି। ଟ୍ରାକ୍ଟରଗୁଡିକ ଗାଁ ରାସ୍ତାଦେଇ ବାରମ୍ବାର ଯାତାୟତ କରୁଥିବାରୁ ଏହି ରାସ୍ତା ଶୋଚନୀୟ ହୋଇପଡିଛି। ଏହାକୁ ନେଇ ଗ୍ରାମବାସୀ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ଦାବିପତ୍ର ଦେଇଛନ୍ତି। ଗାଁ ରାସ୍ତା ଖରାପ ଯୋଗୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦରକାରୀ ସମୟରେ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଗାଁକୁ ରାସ୍ତା ନ ହେବା ପର୍ଯ୍ୟନ୍ତ ଟ୍ରାକ୍ଟର ମାଲିକମାନଙ୍କୁ ବାଲି ନେବାକୁ ଅନୁମତି ଦେବୁନାହିଁ ବୋଲି ଗ୍ରାମବାସୀ କହିଥିଲେ। ତହସିଲଦାର ଟ୍ରାକ୍ଟର ମାଲିକଙ୍କୁ ଡକାଇ ଏ ନେଇ ତ୍ରିପାକ୍ଷିକ ଆଲୋଚନା କରିଥିଲେ। କିନ୍ତୁ ଗ୍ରାମବାସୀ ସେମାନଙ୍କ ଜିଦ୍‌ରେ ଅଟଳ ଥିଲେ। ଏ ନେଇ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମବାସୀ ସେମାନଙ୍କ ଜିଦ୍‌ରେ ରହିଛନ୍ତି। କିନ୍ତୁ ଟ୍ରାକ୍ଟର ମାଲିକମାନେ ଠିକ୍ ସମୟରେ ଏହି ବାଲି ଚାଲାଣ ପାଇଁ ଖଜଣା ଦେଉଛନ୍ତି।

## ଏସ୍‌ଏଚ୍‌ଜି ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା

**ନବରଙ୍ଗପୁର,୨୯।୮(ବି.ପ୍ର.)**

ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସେମାନଙ୍କ ମଧ୍ୟରେ ଲେମ୍ବୁ ଚାମଚ, ଝୋଟି ଓ ମ୍ୟୁଜିକ୍ ଚେୟାର ଭଳି ପ୍ରତିଯୋଗିତା ହୋଇଥିଲା।ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ରିବିକା କଟିମ ପ୍ରଥମ, ଜ୍ୟୋସ୍ନାରାଣୀ ବାଞ୍ଚା ଦ୍ୱିତୀୟ, ରାଜଶ୍ରୀ ପ୍ରଧାନ ତୃତୀୟ ହୋଇଥିଲେ। ସେହିଭଳି ଲେମ୍ବୁ ଚାମଚ ପ୍ରତିଯୋଗିତାରେ ଅନିତା କର୍କରା ପ୍ରଥମ, ମମତା ମହାରଣା ଦ୍ୱିତୀୟ ସ୍ଥାନ ପାଇଥିଲେ। ଝୋଟି ପ୍ରତିଯୋଗିତାରେ ସୁନିତା ନାୟକ ପ୍ରଥମ, ଫୁଲମତି ଅମନାତ୍ୟ ଦ୍ୱିତୀୟ ଓ ଲଳିତା ନାୟକ ତୃତୀୟ ହୋଇଛନ୍ତି। ଜ୍ୟୋତି ପରିଛା, ମେଘନାଥ କୁମାର, ନମିତା ଚୌଧୁରୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବବିତା ଖେମୁଣ୍ଡୁ, ରାମଶଙ୍କର ଦାଶ, କାର୍ତ୍ତିକ ତାଣ୍ଡିଆ, ଆଦିତ୍ୟ ପାଢୀ ଓ ଶିବ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ ।

## ହତ୍ୟା ମାମଲାରେ ସ୍ୱାମୀ ଗିରଫ

**ଆସିକା,୨୯।୮(ଡି.ଏନ୍.ଏ.)–** ଗାଙ୍ଗପୁର ଥାନା ଅନ୍ତର୍ଗତ ପଳାସପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ପିଙ୍କି ଡାକୁଆଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ପୋଲିସ ବୁଧବାର ପିଙ୍କିଙ୍କ ସ୍ୱାମୀ ପ୍ରହ୍ଲାଦ ଡାକୁଆଙ୍କୁ ଅଟକ ରଖିଥିଲା । ଗୁରୁବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ୨ ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି । ସୂଚନାଯୋଗ୍ୟ, ପିଙ୍କି ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ଶାଶୁ ଘର ପକ୍ଷରୁ କୁହାଯାଉଥିଲା । ମାତ୍ର ଝିଅକୁ ଗଳା ଚିପି ହତ୍ୟା କରାଯାଇଥିବା ନେଇ ପିଙ୍କିଙ୍କ ବାପା କବିରାଜ କାଞ୍ଜିଆ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମୁଦ୍ରା ପ୍ରବନ୍ଧନ ବିଭାଗ, ମୁମ୍ବାଇ

**ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (EOI) ନିମନ୍ତେ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ବ୍ୟାଙ୍କନୋଟ ପରିବହନପାଇଁ ଆର.ବି.ଆଇ ନିର୍ଗମ ବିଭାଗମାନଙ୍କୁ ଆବଶ୍ୟକତା ଅନୁସାରେ ଉପଯୁକ୍ତ ବୈଶିଷ୍ଟ୍ୟ ଥିବା ବନ୍ଦ ବାହାନ (ରୁଦ୍ଧଦ୍ୱାର କଣ୍ଟେନର) ଯୋଗାଇବାପାଇଁ, ଯୋଗ୍ୟତାପ୍ରାପ୍ତ ଏବଂ ସମର୍ଥ ଠିକାଦାରଙ୍କୁ ସୂଚିଭୁକ୍ତ କରିବା ନିମନ୍ତେ ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (Expression Of Interest or EOI) ଆମନ୍ତ୍ରଣ କରୁଅଛି । ଅଧିକ ସମ୍ବନ୍ଧୀୟ ତଥ୍ୟ ଜାଣିବାପାଇଁ ଏବଂ ଆବେଦନ କରିବା ପାଇଁ ଇଚ୍ଛୁକ ପରିବହନ ଠିକାଦାରମାନେ ବ୍ୟାଙ୍କର ୱେବସାଇଟ **(www.rbi.org.in)**ର **"ଟେଣ୍ଡର"** ଅନୁଭାଗକୁ ଯାଇ ଦେଖିପାରିବେ । ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (EOI) ଆବେଦନର **ଶେଷ ତାରିଖ ୧୧.୧୦.୨୦୧୯ ଅପରାହ୍ଣ ୦୩ :୩୦ ଘଟିକା** ପର୍ଯ୍ୟନ୍ତ ରହିବ । ଆଗ୍ରହ ପ୍ରକାଶର ଅଭିବ୍ୟକ୍ତି (Expression Of Interest or EOI) ସମ୍ବନ୍ଧୀୟ କୌଣସି ସଂଶୋଧନ/ରୂପାନ୍ତରଣ/ ପରିବର୍ତ୍ତନ ଏବଂ ଶୁଦ୍ଧିପତ୍ର ଭବିଷ୍ୟତରେ RBI ୱେବସାଇଟରେ ଅଧିସୂଚିତ ହେବ।

**ପ୍ରଭାରୀ ମୁଖ୍ୟ ମହା-ପ୍ରବନ୍ଧକ**



**IISER** भारतीय विज्ञान शिक्षा एवं अनुसंधान संस्थान बरहमपुर
**Indian Institute of Science Education and Research Berhampur**
Established by the Ministry of HRD, Govt. of India | Transit Campus: Govt. ITI Berhampur-760010

Tender Enquiry Nos. IISERBpr/S&P/2019-20/45 — August 26, 2019

| Description | EMD Rs. | Pre Bid Meeting | Last date for submission of bids |
|---|---|---|---|
| Hiring of Vehicles on on-call basis-IISER Berhampur | ₹5,000 | 03.09.2019 | 18.09.2019 |

Last date for submission of tenders complete in all respect and confirming entirely to the specifications along with all necessary documents by post / by hand is on or before 1500 hrs of 18.09.2019. Complete detail and the tender document is available on Institute website i.e. http://www.iiserbpr.ac.in/tender.php and https://eprocure.gov.in. Any corrigendum etc will be notified on the above websites only.

क्रय एवं भण्डार अधिकारी



**EKALAVYA MODEL RESIDENTIAL SCHOOL**
At- Siriguda, PO- Halua, Dist.- Rayagada, Odisha-765002
No. 596/ Tender file-VI/EMRS/2019 — Date: 29.08.2019

**QUOTATION CALL NOTICE**

Sealed Quotations in prescribed form (s) are invited from the reputed suppliers/ firms having valid GST/VAT/ PAN/ Registration Certificate and experience of supply of such articles / items to schools and Govt. organisations for supply of Reading writing items for the boarders of EMRS, Siriguda, Rayagada. The details of term and conditions, prescribed bid sheet/ schedule (Form-X), cost of quotation paper, EMD, form of undertaking (Form IX), last date of receipt of quotation papers, date of opening of quotation papers and other related information are available in district website www.rayagada.nic.in. Intended bidders/suppliers/ firms may like to visit the district website to participate in the quotation process.

**Sd./- Principal, EMRS, Siriguda, Rayagada**


## ■ ୩୧ ରେ ସରିବ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଅବଧି
# ପଞ୍ଜୀକରଣ କରିଛନ୍ତି ୨୭୫ ଚାଷୀ

- ■ ୧୪ ଭାଗଚାଷୀ ପଞ୍ଜୀକରଣ କରିଛନ୍ତି
- ■ ଗତ ବର୍ଷ ୧୫୮୭ ଚାଷୀ ପଞ୍ଜୀକରଣ କରିଥିଲେ

**ଚନ୍ଦାହାଣ୍ଡି, ୨୯।୮(ଡି.ଏନ.ଏ )**

ଚଳିତ ବର୍ଷ ବିଳମ୍ବରେ ବର୍ଷା ଆସିଥିବାରୁ ଅଗଷ୍ଟ ମାସରେ ଚାଷ କାମ ଜୋରସୋର ଚାଲିଛି । ଜମି କାଦୁଅ କରିବାଠୁ ଆରମ୍ଭ କରି ରୁଆ , ଘାସ ବଛା , ସାର ଦିଆ ସବୁକିଛି କାମ ଏହି ମାସରେ କରାଯାଉଛି । ଚାଷୀମାନେ ପାଣି କାଦୁଅ ସରସର ହୋଇ ବିଲରେ ଜୁଝୁଛନ୍ତି ନିଜ କଷ୍ଟ ଉପାର୍ଜିତ ଫସଲକୁ ବଞ୍ଚାଇବା ନିମନ୍ତେ । ଏହିଭଳି ସମୟରେ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ଆସନ୍ତା ୩୧ ତାରିଖ ସୁଦ୍ଧା ଚାଷୀମାନେ ନାମ ପଞ୍ଜିକରଣ କରିବା ପାଇଁ ରାଜ୍ୟ ଯୋଗାଣ ବିଭାଗ ତରଫରୁ ଧାର୍ଯ୍ୟ କରାଯାଇଛି । ସମବାୟ ସମିତି ରବିବାର ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଏହି କାମରେ ଲାଗିଛି । ଚାଷୀଙ୍କୁ କାର୍ଯ୍ୟାଳୟକୁ ଆସି ନାମ ପଞ୍ଜିକରଣ କରିବାକୁ କୁହାଯାଉଛି । କିନ୍ତୁ ଶେଷ ତାରିଖକୁ ଆଉ ମାତ୍ର ୨ ଦିନ ବାକି ରହିଥିବା ବେଳେ ମାତ୍ର ୩୦ ପ୍ରତିଶତ ଚାଷୀ ବି ନାମ ପଞ୍ଜିକରଣ କରି ନଥିବା ଜଣାପଡିଛି । ଗତବର୍ଷ ଚନ୍ଦାହାଣ୍ଡି ବ୍ଲକରେ ୧୫୮୭ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୨୭୫ ଜଣଙ୍କ ପଞ୍ଜିକରଣ ହୋଇଛି । ତେବେ ଚାଷୀଙ୍କ ଘରକୁ ଘର ଯାଇ ଫର୍ମ ଦିଆଯାଉଛି । ବ୍ୟାନର ପୋଷ୍ଟର ଡାକବାଜୀ ଯନ୍ତ୍ରରେ ୩୧ ତାରିଖ ସୁଦ୍ଧା ପଞ୍ଜୀକରଣ କରାଇନେବାକୁ ପ୍ରଚାର କରାଯାଉଛି ବୋଲି ଏମଡି ଉମେଶଚନ୍ଦ୍ର ତ୍ରିପାଠୀ କହିଛନ୍ତି । ୧୩୧୩ ଚାଷୀଙ୍କୁ ଫର୍ମ ଦିଆଯାଇଥିବା ବେଳେ ୧୨୮୯ ଚାଷୀ ଫର୍ମ ପୂରଣ କରି ଦେଇଛନ୍ତି। ଭାଗଚାଷୀ ମାତ୍ର ୧୪ ଜଣଙ୍କ ପଞ୍ଜିକରଣ ହୋଇଛି। ନବରଙ୍ଗପୁର ଆରଏମସି ତରଫରୁ ଲ୍ୟାମ୍ପକୁ ୧୭୦୦ ଫର୍ମ ପ୍ରଦାନ କରାଯାଇଛି । ଶେଷ ତାରିଖ ସୁଦ୍ଧା ଯଥା ସମ୍ଭବ ଅଧିକ ଚାଷୀଙ୍କ ନାମ ପଞ୍ଜିକରଣ କରିବାକୁ ଆମେ ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି । ଏ ସମ୍ପର୍କରେ କୃଷକ ସମାଜ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ସେପ୍ଟେମ୍ବର ,ଅକ୍ଟୋବର ଓ ନଭେମ୍ବର ତିନି ମାସ ହାତରେ ଥିଲାବେଳେ ଏତେ ତରବର କାହିଁକି ବୋଲି ପ୍ରଶ୍ନ କରିଛନ୍ତି । ଯେଉଁମାନେ ସମୟ ପାଉଛନ୍ତି ସେମାନେ ପଞ୍ଜିକରଣ କରାଇ ନେବା କଥା କିନ୍ତୁ ଯେଉଁ ମାନେ ୩୧ ତାରିଖ ସୁଦ୍ଧା ପଞ୍ଜିକରଣ କରାଇ ପାରିବେ ନାହିଁ ସେମାନଙ୍କୁ ଧାନ ବିକ୍ରୟରୁ ବଞ୍ଚିତ କଲେ ଆନ୍ଦୋଳନ ହେବ ବୋଲି କୃଷକମାନେ କହିଛନ୍ତି । ଏ ସମ୍ପର୍କରେ ଜନୈକ ଚାଷୀ କହିଛନ୍ତି ଏବେ କ୍ଷେତକୁ ଯାଇ ଚାଷ କାର୍ଯ୍ୟ କରିବୁ କି କାଗଜପତ୍ର ଯୋଗାଡ କରି ସମବାୟ ସମିତିକୁ ଯାଇ ପଞ୍ଜିକରଣ କରାଇବୁ । ଏବେ ଚାଷୀମାନେ ଦିନବେଳେ ପ୍ରାୟତଃ ଜମିରେ ରହୁଥିବାରୁ ଅନେକ ଏ ସମ୍ପର୍କରେ ଖବର ବି ପାଇ ନାହାନ୍ତି । ଯେଉଁମାନେ ଖବର ପାଇଛନ୍ତି ସେମାନେ ବି ଚାଷ ଛାଡି ପଞ୍ଜିକରଣ ପାଇଁ ଆସିଲେ ଗୋଟିଏ ଦିନ ଗଲା ।

## ହିତାଧିକାରୀଙ୍କୁ ଭତ୍ତା, କାର୍ଯ୍ୟାଦେଶ ବଣ୍ଟନ



କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ଉଦବୋଧନ ଦେଉଛନ୍ତି ।

- ■ ୧୬୪ ଜଣଙ୍କୁ ଆବାସ କାର୍ଯ୍ୟାଦେଶ
- ■ ୧୮୪ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା

**ତେନ୍ତୁଲିଖୁଣ୍ଟି,୨୯।୮(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଗୁରୁବାର ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ସହ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି ଓ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଡିଓ ଅକ୍ଷମିତା କାର୍ତ୍ତିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକ, ଉପାଧ୍ୟକ୍ଷ ତନ୍ମୟ ସାଗର ନାୟକ, ଜିଲା ପରିଷଦ ସଭ୍ୟ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ରମେଶ ମାଝି ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଯୋଜନା ସବୁର ଫାଇଦା ନେବାକୁ ସେ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ' ମୋ ସରକାର' ଯୋଜନା ତଥା ୫–ଟି ଗୁରୁମନ୍ତ୍ର ସମ୍ପର୍କରେ ବିଧାୟକ ସଦାଶିବ ପ୍ରଧାନୀ ହିତାଧିକାରୀଙ୍କୁ ବୁଝାଇଥିଲେ। ହିତାଧିକାରୀମାନେ ଠିକ୍ ସମୟରେ ଗୃହ ନିର୍ମାଣ କରି ପ୍ରୋତ୍ସାହନ ରାଶି ନେବାକୁ ସେ ଆହ୍ୱାନ କରିଥିଲେ। ୧୧୫ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ଦିଆଯାଇଛି। ସେହିଭଳି ୪୯ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟାଦେଶ ଦିଆଯାଇଛି। ସେହିଭଳି ଇନ୍ଦିରାଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନାରେ ୧୫ ଜଣ, ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୧୫୪ ଜଣ ଏବଂ ଇନ୍ଦରା ଗାନ୍ଧୀ ଭିନ୍ନକ୍ଷମ ଭତ୍ତା ଯୋଜନାରେ ୧୫ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ରଜନୀ ବେହେରା**
ସ୍ୱାମୀ: ସତ୍ୟାନନ୍ଦ ବେହେରା
ଗୋପାଳପୁର, ଚଣ୍ଡିଆ, ଚାରିନଙ୍ଗଳ, ଯାଜପୁର
ତିରୋଧାନ: ୨୦।୦୮।୨୦୧୯
ଚାହିଁ ଚାହିଁ ଆଜକୁ ୧୧ ଦିନ ବିତିଗଲା। ତୁମର ସେ ହସିଲା ମୁହଁ, ସ୍ନେହ, ଶ୍ରଦ୍ଧାକୁ ପାରୁନାହୁଁ ଭୁଲି। ଆଜି ଏକାଦଶାହ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ–ବୋହୂ, ଝିଅ–ଜ୍ୱାଇଁ, ନାତି–ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ–୬୭୦୫୦

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶ୍ରୀମତୀ କବିତା ଦାସ**
ସ୍ୱାମୀ: ଇଂ କମଳା କାନ୍ତ ମହାନ୍ତି
୧୧୩, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୧୦।୧୯୪୮
ତିରୋଧାନ: ୨୦।୦୮।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଲିଙ୍ଗରାଜଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ୱାମୀ, ସୋନାଲି, ବିରେନ, ଗୌତମ, ପ୍ରତୀକ୍ଷା, ଲେଆ, ଆରନ୍, ଡୁଗୁଲ, ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ–୬୭୨୧୯

**୧୨ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ସ୍ୱର୍ଗତ ସନ୍ଦୀପ ମହାନ୍ତି (ଟୁନଟୁନ)**
ଆବିର୍ଭାବ: ୨୬।୧୧।୧୯୮୫
ତିରୋଧାନ: ୩୦।୦୮।୨୦୦୭
ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ତୋର ବାପା, ମା, ବଡ଼ବାପା, ବଡ଼ବୋଉ, ଦାଦୁଲି ଖୁଡ଼ୀ, ଦେଈ, ଭାଇଭାଉଜ ଓ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ–୬୫୬୮୩

**ଶ୍ରଦ୍ଧାଞ୍ଜଳି**
**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବିଷ୍ଣୁ ପ୍ରସାଦ ପ୍ରଧାନ**
ଆବିର୍ଭାବ: ୧୦.୦୨.୧୯୨୩
ତିରୋଧାନ: ୦୯.୦୯.୨୦୧୮
ମୁଦିପଡା, ସମ୍ବଲପୁର
ବିତିଗଲା ଏକ ବର୍ଷ ତୁମ ଗୁଣ ସ୍ମରି
ଝୁରି ହେଉଅଛୁ ସିନା ନ ଆସିବ ଫେରି ।
ସେ ଅମର ପୁରେ ଥାଇ ଭକ୍ତିମାନ୍ୟ ଘେନି ଆମ
ଶୁଭାଶିଷ ଦିଅ ଢ଼ାଳି ମସ୍ତକେ ଆମର ।
ଶତାୟୁତ ବାର କରୁ ବିଷ୍ଣୁ ପଦେ ନତି
ଆତ୍ମା ତୁମ ଲାଭକରୁ ଅମିୟ ସଦ୍‌ଗତି ।
ଶୋକ ସନ୍ତପ୍ତ: ପୁତ୍ର- ଭଗୀରଥ, ସନ୍ତୋଷ, ରାଜେନ୍ଦ୍ର; ପୁତ୍ରବଧୂ- ବିଷ୍ଣୁପ୍ରିୟା, ଝରଣା, ନମିତା; କନ୍ୟା-ସାବିତ୍ରୀ; ଜ୍ୱାଇଁ- ରାଧେଗୋପାଳ; ନାତି- ଅଂଶୁମାନ, ପ୍ରତୀକ, ଅମୃତାଂଶ; ନାତୁଣୀ- ସୃଜନିକା, ସ୍ୱରଚିତା, ଭନ୍ନେଷିକା, ଅନ୍ତରୀକ୍ଷା; ନାତୁଣୀବଧୂ- ଇନା; ନାତୁଣୀଜ୍ୱାଇଁ- ସନ୍ଦୀପ, ଆଶିଷ, ରାଜୀବ; ପଣନାତି/ନାତୁଣୀ-ସାନ୍‌ବୀ, ରେୟାନ, ଅବନୀଶ ।
ଧ–୧୪୧୧୦

**ଏକାଦଶାହ ଉପଲକ୍ଷେ**



**✓ ନିରଞ୍ଜନ ସ୍ୱାଇଁ**
ପ୍ରତିଷ୍ଠାତା ଓଡ଼ିଶା ହୋଟେଲ
ଦିଲ୍ଲୀ, ପୁନେ, କଟକ, ପଟିଆ, ସହିଦନଗର, ଲୁଇସ ରୋଡ
ଆବିର୍ଭାବ : ୦୧.୦୫.୧୯୫୬
ତିରୋଧାନ : ୨୦.୦୮.୨୦୧୯
ଚାହିଁ ଚାହିଁ ଏଗାରଦିନ କଟିଗଲା ତୁମର ପ୍ରତିଷ୍ଠିତ ବ୍ୟବସାୟ ଅନୁଷ୍ଠାନ ଘର ସବୁଆଡ଼େ ଏକ ଶୂନ୍ୟତାର ଅନୁଭବ । ତୁମେ ଯେଉଁଠି ଥାଅ ଭଲରେ ଥାଅ ଓ ଆମ ଉପରେ ଦେଇଥିବା ଗୁରୁଦାୟିତ୍ୱକୁ କାର୍ଯ୍ୟକାରି କରିବାକୁ ଆଶୀର୍ବାଦ କରୁଥାଅ
ତୁମର ପରିବାରବର୍ଗ ଓ ସମସ୍ତ ଓଡ଼ିଶା ହୋଟେଲର କର୍ମଚାରୀ ବୃନ୍ଦ
ଧ–୬୭୨୯୦

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୩୦ ଅଗଷ୍ଟ, ୨୦୧୯



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।

-ମନୋଜ ଦାସ



## ସଂକ୍ଷେପରେ

### ୧୫୪୩ ହିତାଧିକାରୀ ପାଇଲେ ଆବାସ କାର୍ଯ୍ୟାଦେଶ



ବୋରିଗୁମ୍ମା,୨୯।୮(ଡି.ଏନ୍.ଏ.): ବୋରିଗୁମ୍ମା ସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକର ୧୯ଟି ପଞ୍ଚାୟତର ୧୫୪୩ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜୟପୁର ଉପଜିଲାପାଳ ଲେଶକନାଥ ଦଳବେହେରା, ବିଡିଓ ପ୍ରଣୟ ରଞ୍ଜନ ବେହେରା, ବ୍ଲକ ଅଧକ୍ଷା ବିମଳା ଚାଲାଣ ଉପସ୍ଥିତ ଥିଲେ। କାର୍ଯ୍ୟାଦେଶ ସହ ପ୍ରତ୍ୟେକ ହିତାଧିକାରୀଙ୍କୁ ଠିକ୍ ସମୟରେ ବାସଗୃହ ନିର୍ମାଣ ପାଇଁ ଅତିଥିମାନେ କହିଥିଲେ। ଏହି ଅବସରରେ ବି.ସିଂହପୁର ପଞ୍ଚାୟତର ୮୦, ବେଣାଗାଁ ୭୦, ବଢ଼ିଗାଁ ୮୦, ବେଣାସୁର ୭୭, ବୋରିଗୁମ୍ମା ୧୦୩, ଚମ୍ପାପଦର ୬୫,ଗୁଜୁନିଗୁଡ଼ା ୯୧, ଗୁମୁଡା ୩୯, ହରଡ଼ାପୁଡ଼ା ୩୬, ହର୍ଦ୍ଦଳି ୧୩୦, କାମତା ୧୪୭, କାଠରଗଡ଼ା ୧୦୫, କୁମୁଲି ୧୦୨, ମୁଞ୍ଜା ୧୦୮, ନାରିଗାଁ ୫୯, ନୂଆଗାଁ ୦୬, ରଣସପୁର ୨୮, ସର୍ଗିଗୁଡ଼ା ୧୨୧, ସେମଳାଗୁଡ଼ାର ୯୬ ଜଣ ହିତାଧିକାରୀଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇଛି।

### ଶିଶୁ ସୁରକ୍ଷା କମିଟି ତାଲିମ ଶିବିର



ବୈପାରୀଗୁଡ଼ା,୨୯।୮(ଡି.ଏନ୍.ଏ.): ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ଗୁରୁବାର ଶିଶୁ ସୁରକ୍ଷା କମିଟି ଗଠନ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ଭାଗିରଥୀ ମୁର୍ଜିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବୈପାରୀଗୁଡ଼ା, କେନ୍ଦୁଗୁଡ଼ା ଓ ପୂଜାରୀଗୁଡ଼ା ପଞ୍ଚାୟତର ନିର୍ବାହୀ ଅଧିକାରୀ, ପ୍ରାଥମିକ ଓ ଉଚ୍ଚବିଦ୍ୟାଳୟର ଶିକ୍ଷକ ପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର, ମହିଳା ସ୍ୱାସ୍ଥ୍ୟକର୍ମୀ, ସାମାଜିକ କର୍ମୀ ତଥା ବିଭିନ୍ନ ବିଦ୍ୟାଳୟରୁ ଶିଶୁ ପ୍ରତିନିଧିମାନେ ଯୋଗ ଦେଇଥିଲେ। ତାଲିମଦାତା ଭାବେ ଲରୋଜ ଗରାଡ, ଜିଲା ଶିଶୁ ସୁରକ୍ଷା ସମିତିର ସଂଯୋଜକ ରାଜେଶ ନାୟକ, ସତ୍ୟସମ୍ମ ଅନୁଷ୍ଠାନର କର୍ମୀ ଗିରିଶ ଚନ୍ଦ୍ର ପାଳ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା କମିଟିର ଗଠନ ଓ ଆବଶ୍ୟକତା ଉପରେ ଏଥିରେ ଧାରଣା ଦିଆଯିବା ସହ ଶିଶୁଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରିବା, ସମନ୍ୱିତ ଶିଶୁ ବିକାଶ ଯୋଜନାର ସଫଳ ରୂପାୟନ ତଥା ଶିଶୁଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ସରକାରୀ ଆଇନ୍ ସମ୍ପର୍କରେ ସଚେତନ କରାଯାଇଥିଲା।

### ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ



ଲମତାପୁଟ,୨୯।୮(ଡି.ଏନ୍.ଏ.): ଲମତାପୁଟ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ରଘୁରାମ ପଡାଲ, ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ସାନି, ବ୍ଲକ ଅଧକ୍ଷା ଲକ୍ଷ୍ମୀ କୁମାର ହନ୍ତାଳ, ଜିଲା ପରିଷଦ ସଭ୍ୟ ଘାସିରାମ ମୁଣ୍ଡା ଗଡ଼ିଅ, ଉପାଧକ୍ଷ ଘାସି ମାଣ୍ଡି ଉପସ୍ଥିତ ଥିଲେ। ବ୍ଲକର ୪୬୨ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ଦିଆଯାଇଥିଲା। ୨୧ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ହୁଇଲ୍ ଚେୟାର ଓ ତିନିଚକିଆ ସାଇକେଲ ବଣ୍ଟାଯାଇଥିଲା। କାର୍ଯ୍ୟ ବେଳେ କାହାକୁ ଲାଞ୍ଚ ନ ଦେବା ପାଇଁ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ କୋରାପୁଟ ଏମ୍‌ପି।

# ଚେୟାରରେ ରୋଗୀଙ୍କୁ ଦିଆଯାଉଛି ସାଲାଇନ

ଜୟପୁର,୨୯।୮(ନି.ପ୍ର.)

ଚେୟାରରେ ବସୁଛନ୍ତି ରୋଗୀ। ସେଇ ପାଖରେ ଷ୍ଟାଣ୍ଡ ରଖି ତାଙ୍କୁ ଦିଆଯାଉଛି ସାଲାଇନ। ଏହା କୌଣସି ଉପାନ୍ତ ଅଞ୍ଚଳ ଅଧୀନ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର ନୁହେଁ, ବରଂ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଏଭଳି ଦେଖିବାକୁ ମିଳିଛି। ବେଡ୍ ଅଭାବ ଯୋଗୁ ଏପରି ଅବସ୍ଥା ରହିଥିବା ଚିକିତ୍ସାଳୟ କର୍ତ୍ତୃପକ୍ଷ କହିଛନ୍ତି।

ସରକାର ଆଦିବାସୀ ଅଧ୍ୟୁଷିତ ଜିଲାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧାରିବା ପାଇଁ ଜୟପୁର ଉପଖଣ୍ଡ ଚିକିତ୍ସାଳୟକୁ ଜିଲା ଚିକିତ୍ସାଳୟର ମାନ୍ୟତା ଦେଇ ଫୁଲବାଡ଼କୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଏଠାରେ ରୋଗୀ, ବିଶେଷ କରି ଅସୁସ୍ଥ ଶିଶୁମାନଙ୍କୁ ତଳେ ଶୁଆଇ କିମ୍ବା ଚେୟାରରେ ବସାଇ ଚିକିତ୍ସା କରାଯାଉଛି। ବାରଣ୍ଡା ଝରକା ପାଖରେ ଥଣ୍ଡା ପବନ, ବର୍ଷାମାଡ଼ ଖାଇ ଚିକିତ୍ସିତ ହେଉଛନ୍ତି ରୋଗୀ। ଏଥିରେ କେବଳ ରୋଗୀ ନୁହେଁ, ତାଙ୍କ ସମ୍ପର୍କୀୟ ମଧ୍ୟ ଅସୁବିଧା ଭୋଗୁଛନ୍ତି। ବର୍ତ୍ତମାନ ଚିକିତ୍ସାଳୟରେ ସାଧାରଣ ରୋଗଙ୍କ ପାଇଁ ୧୧୦ଟି ବେଡ୍ ରହିଥିବା ବେଳେ ମାତୃ ଓ ଶିଶୁ ବିଭାଗ ପାଇଁ ୫୦ଟି ବେଡ୍ ରହିଛି। ଦୈନିକ ୧ ହଜାରରୁ ଅଧିକ ରୋଗୀ ଜିଲା ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ଅନ୍ୟପକ୍ଷରେ ଚିକିତ୍ସାଳୟରେ ଅଧାରୁ ଅଧିକ ଡାକ୍ତର ପଦବୀ, ଷ୍ଟାଫ୍ ନର୍ସ ପଦବୀ ଖାଲି ପଡ଼ିଛି। ଆଉଟଡୋର୍‌ରେ ଘଣ୍ଟା ଘଣ୍ଟା ଧରି ରୋଗୀମାନେ ଠିଆହୋଇ ନୟାନ୍ତ ହେଉଛନ୍ତି। ରକ୍ତ ଭଣ୍ଡାର ପୁରୁଣା ମେଡିକାଲରେ ଥିବାରୁ ରୋଗୀମାନେ ସେଠାରୁ ରକ୍ତ ଧରି ୪ କିମି ଦୂର ଜିଲା ଚିକିତ୍ସାଳୟକୁ ଆସୁଛନ୍ତି। ଏହି ଚିକିତ୍ସାଳୟର ଅବ୍ୟବସ୍ଥା ସମ୍ପର୍କରେ ଜିଲା ଚିକିତ୍ସାଧିକାରୀ ଡାକ୍ତର ଦଧିବାମନ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଥିଲେ,



ଚିକିତ୍ସାଳୟର ୱେଟିଂ ଚେୟାରରେ ବସାଇ ସାଲାଇନ୍ ଦିଆଯାଇଛି।

**ଜିଲା ମୁଖ୍ୟ ଚିକିତ୍ସାଳୟ**
- ରୋଗୀଙ୍କ ପାଇଁ ଶଯ୍ୟାର ଅଭାବ
- ବାରଣ୍ଡାରେ ଚାଲିଛି ଚିକିତ୍ସା
- ଡାକ୍ତର, ଷ୍ଟାଫ୍‌ନର୍ସ ପଦବୀ ଖାଲି

ପ୍ରଥମେ ମାତୃ ଓ ଶିଶୁ ହସ୍‌ପିଟାଲ ପାଇଁ ୫୦ଟି ଶଯ୍ୟା ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଉପଖଣ୍ଡ ଚିକିତ୍ସାଳୟ ଜିଲା ଚିକିତ୍ସାଳୟ ମାନ୍ୟତା ପାଇବା ସହ ଏହା ସେଠାକୁ ସ୍ଥାନାନ୍ତର କରାଗଲା। ଜିଲା ଚିକିତ୍ସାଳୟ ସ୍ଥାନାନ୍ତର ହେଲା, କିନ୍ତୁ ବିଲ୍ଡିଂ ହୋଇନାହିଁ। ସରକାରଙ୍କ ନିକଟକୁ ଏଥିପାଇଁ ପ୍ରସ୍ତାବ ଯାଇ ମଞ୍ଜୁର ମଧ୍ୟ ହୋଇଛି। ଖୁବ୍ ଶୀଘ୍ର ବିଲ୍ଡିଂ ନିର୍ମାଣ ହେବ।

### ଝିଆରୀକୁ ଟାଙ୍ଗିଆ ଧରି ଗୋଡ଼ାଇଥିଲେ ବଡ଼ବାପା ଗିରଫ

ଜୟପୁର,୨୯।୮(ନି.ପ୍ର.)

ଭାଇର ଝିଅକୁ ଟାଙ୍ଗିଆରେ ମାରିବା ପାଇଁ ଗୋଡ଼ାଇଥିବା ଜଣେ ବ୍ୟକ୍ତିଙ୍କ ନାଁରେ ଜୟପୁର ସଦର ଥାନାରେ ଏତଲା ହୋଇଛି। ଅଭିଯୋଗ ପାଇ ପୋଲିସ ଏକମ୍ବା ଗ୍ରାମର ଅଭିଯୁକ୍ତ ବଡ଼ବାପା ସୁବାସ ଚନ୍ଦ୍ର ଗୌଡ଼ (୫୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ ଏକମ୍ବା ଗ୍ରାମର ଜଣେ ଯୁବତୀଙ୍କୁ ତାଙ୍କ ବଡ଼ବାପା ସୁବାସ ଟାଙ୍ଗିଆରେ ମାରିବା ପାଇଁ ଗୋଡ଼ାଇଥିଲେ। ୬ ବର୍ଷ ତଳେ ମଧ୍ୟ ତାଙ୍କ ନାଁରେ ଅସଦାଚରଣ ଅଭିଯୋଗ ରହିଥିଲା। ଯୁବତୀ ଜଣକ ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କଠାରୁ ଟାଙ୍ଗିଆ ଜବତ କରି କେସ୍ ନଂ ୧୫୦/୧୯ରେ ମାମଲା ରୁଜୁ ପରେ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶିବ ଶଙ୍କର ସାହୁ ପ୍ରକାଶ କରିଛନ୍ତି।

■ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ

## ‘ଉଚ୍ଚଶିକ୍ଷା ପାଇଁ ଏହି ଅନୁଷ୍ଠାନ ମାଇଲଖୁଣ୍ଟ’

କୋରାପୁଟ,୨୯।୮(ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ମାଇଲଖୁଣ୍ଟ ସାଜିଛି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା। ବିଭିନ୍ନ ବିଷୟର ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଏଠାରୁ ଗୁଣାତ୍ମକ ଶିକ୍ଷା ପାଇପାରୁଛନ୍ତି ଛାତ୍ରୀଛାତ୍ର। ଗୁରୁବାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏକାଦଶତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିଲ୍ଲୀସ୍ଥିତ ରାମାନୁଜମ କଲେଜର ଅଧକ୍ଷ ତଥା ଏନ୍‌ଆରସିର ନିର୍ଦ୍ଦେଶକ ସୁମନ୍ତ ପି. ଅଗ୍ରୱାଲ ଏହା କହିଛନ୍ତି।

ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଶରତ ପାଲିତା ପତାକା ଉତ୍ତୋଳନ କରି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ସୁମନ୍ତ ପି. ଅଗ୍ରୱାଲ ଏଥିରେ ଶିକ୍ଷାଦାନ ପଦ୍ଧତି, ବିଭିନ୍ନ ବିଷୟର ରିସର୍ଚ୍ଚ, ଉଦ୍ଭାବନ, ଏକାଡେମିକ ଆଡ଼ମିନିଷ୍ଟ୍ରେସନ ଓ ସାଧାରଣ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ। ଆଦିବାସୀ ଅଞ୍ଚଳରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଯୋଗୁ ଏଠାକାର ଛାତ୍ରୀଛାତ୍ର ହାତପାଆନ୍ତାରେ ଉଚ୍ଚଶିକ୍ଷା ପାଇପାରୁଥିବାବେଳେ ଅଞ୍ଚଳର ସମାଗ୍ରିକ ବିକାଶ ହୋଇପାରୁଛି ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଅସିତ ଦାସ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଡ. ରମେନ୍ଦ୍ର ପାଢ଼ୀ, ଡ. ସୌରଭ ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

### ଆମ ପୋଲିସ ସମିତି ବୈଠକ ମଦ, ଜୁଆ ରୋକିବାକୁ ପରାମର୍ଶ

ଜୟପୁର,୨୯।୮(ନି.ପ୍ର.)

ଜୟପୁର ଟାଉନ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ସମିତିର ନୂତନ କମିଟି ଗଠିତ ହୋଇଥିବାରୁ ତାହାର ସଦସ୍ୟମାନଙ୍କୁ ନେଇ ବୈଠକ ବସିଥିଲା। ଏଥିରେ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ଏସ୍‌ଆଇ ସୁନିତା ବେହେରା, ଏଏସ୍‌ଆଇ ଶେଖ ଅବଦୁଲ ଉପସ୍ଥିତ ଥିଲେ। କିଛିବର୍ଷ ତଳେ ଯେଉଁ ଅପରାଧ ଘଟୁଥିଲା, ତାହା ବହୁମାତ୍ରାରେ କମିଛି। ବର୍ତ୍ତମାନ ସହରରେ ଟ୍ରାଫିକ ସମସ୍ୟା ଜଟିଳ ରୂପ ଧାରଣ କରିଛି ଯାହାର ସମାଧାନ ଜରୁରୀ ହୋଇପଡ଼ିଛି। ସେହିପରି ଆଗକୁ ଗଣେଷ ପୂଜା, ଦଶହରା ଥିବାରୁ ପୋଲିସ ସେଥିପ୍ରତି ଦୃଷ୍ଟି ରଖିବା ସହ ମଦ କାରବାର ବନ୍ଦ କରିବା, ଜୁଆଆଡ୍ଡା ଉପରେ ଚଢ଼ାଉ କରିବା ପାଇଁ କୁହାଯାଇଥିଲା। ସହରର ବହୁତ ସାହିରେ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ପୋଲିସ ପୌର ପରିଷଦ ସହ ଆଲୋଚନା କରି ଲାଇଟ ଲଗାଇବା ବ୍ୟବସ୍ଥା କରିବା ପାଇଁ କୁହାଯାଇଥିଲା। ବୈଠକରେ ପୂର୍ବତନ ପୌର ଉପାଧକ୍ଷ ସୂର୍ଯ୍ୟନାରାୟଣ ରଥ, ଦୁର୍ଗା ଶର୍ମା ଉପସ୍ଥିତ ଥିଲେ।

## ତେଲଚୋରି ଧରିଲେ ଯୁବଗୋଷ୍ଠୀ

■ ୧୫ ଦିନରେ ଚୋରି ହେଲାଣି ୩ ହଜାର ଲିଟର ତେଲ

ପଟ୍ଟାଙ୍ଗି,୨୯।୮(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ଦେଇ ଯାଇଥିବା ୨୬ ନଂ ଜାତୀୟ ରାଜପଥରେ ଚଳାଚଳ କରୁଥିବା ବିଭିନ୍ନ ମାଲବାହୀ ଟ୍ରକ୍‌ରୁ ବିଳମ୍ବିତ ରାତିରେ ନିୟମିତ ତେଲ ଚୋରି ହେଉଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ପୋଲିସ ତତ୍ପରତା ଦେଖାଇ ନଥିଲା। ଫଳରେ ଏହାକୁ ରୋକିବା ପାଇଁ ପଟ୍ଟାଙ୍ଗି ସଦରର କେତେକ ଯୁବ ଗୋଷ୍ଠୀଙ୍କ ସମେତ ପଡାଲଗୁଡ଼ା, ଡୁମୁରିଗୁଡ଼ା ଗ୍ରାମର ଲୋକେ ଅଣ୍ଟା ଭିଡ଼ିଛନ୍ତି। ପଡାଲଗୁଡ଼ା ଛକରେ ଅଟକି ରହିଥିବା ୨ଟି ଟ୍ରକ୍ (ସିଜି୦୪ ଏମ୍‌ବି ୭୮୪୩ ଓ ସିଜି୦୪ ଏଲ୍‌ଆର୍ ୫୯୮୫)ରୁ ଗତ ମଙ୍ଗଳବାର ରାତିରେ ତେଲ ଚୋରି ହେଉଥିବା ସମୟରେ ଉକ୍ତ ଯୁବଗୋଷ୍ଠୀ ଛପିରହି ଚୋରଙ୍କୁ ଧରିବା ପାଇଁ ଚେଷ୍ଟା କରିଥିବା ବେଳେ ସେମାନେ ଘଟଣାସ୍ଥଳରୁ ଖସିଯାଇଛନ୍ତି। କିନ୍ତୁ ଗୋଟିଏ ଅଟୋ (ଏପି୩୧ ଟିଜି ୩୭୨୭) ସହ କିଛି ତେଲ ଜାର୍କିନ ସେଠାରେ ଛାଡ଼ିଯାଇଛନ୍ତି ଚୋର। ଏହାକୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ବୁଧବାର ସକାଳେ ଉପରୋକ୍ତ ୨ ଟ୍ରକ୍‌ର ଡ୍ରାଇଭର ଶ୍ରବଣ ଚୌଧୁରୀ, ଅରମାନ ଅନ୍‌ସାର ଏବଂ ରାମ ସୁରତ ବର୍ମା ଟ୍ରକ୍‌ରୁ ୪୦୦ ଲିଟର ଡିଜେଲ ଚୋରି ହୋଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ଦିନ ମଧ୍ୟରେ ବିଭିନ୍ନ ଟ୍ରକ୍‌ରୁ ପ୍ରାୟ ୩ ହଜାର ଲିଟର ତେଲ ଚୋରି ହୋଇଥିବା ସହ ୨ ଲକ୍ଷ ୧୬ ହଜାର ଟଙ୍କାର କ୍ଷତି ସହିବାକୁ ପଡ଼ିଛି ବୋଲି ଡ୍ରାଇଭରମାନେ ଅଭିଯୋଗ କରିଛନ୍ତି। ଗତ ୨୨ରେ ପଟ୍ଟାଙ୍ଗି ଷ୍ଟେଟବ୍ୟାଙ୍କ ନିକଟରୁ ସିଜି୦୪ ଏମ୍‌ବି ୬୪୬୬ ନମ୍ବର ଥିବା ଟ୍ରକ୍‌ରୁ ୩୦୦ ଲିଟର, ୨୪ରେ ଲ୍ୟାମ୍ପ ନିକଟରୁ ଏପି୩୦ ୟୁ ୧୮୩୬ ନମ୍ବର ଥିବା ମିନିଟ୍ରକ୍‌ରୁ ୧୫୦ ଲିଟର ଚୋରି ହୋଇଥିଲା। ସେହିପରି ଗତ ୨୬ରେ ପଡାଲଗୁଡ଼ା ଛକରୁ ଏପି୩୧ ଟିଏଫ୍ ୭୯୬୭ ଏବଂ ଏପି୩୫ ଡବ୍ଲ୍ୟୁ ୦୫୮୮ ନମ୍ବର ଥିବା ୨ଟି ଟ୍ରକ୍‌ରୁ ୩୫୦ ଲିଟର, ୯ ତାରିଖ ୨ଟି ଟ୍ରଲରରୁ ୪୦୦ ଲିଟର, ୮ ତାରିଖ ସିପାଇପୁଟ ଛକରୁ ସିଜି୦୪ ଏମ୍‌ଏମ୍ ୮୬୪୧, ସିଜି୧୬ ସିଏଲ୍ ୪୫୮୦ ଏବଂ ସିଜି୧୬ ସିଏଲ୍ ୪୫୭୮ ନମ୍ବର ଥିବା ୩ଟି ଟ୍ରଲରରୁ ୫୦୦ ଲିଟର ତେଲ ଚୋରି କରିଥିଲେ ଦୁର୍ବୃତ୍ତ।

■ ଅଭିଯୋଗ ନେଇ ଯିବାକୁ ପଡ଼ିବନି ଏନ୍‌ଏସି ଅଫିସ୍

## ସମସ୍ୟା ଶୁଣିବେ ୱାର୍ଡ ଅଫିସର

ଚାନ୍ଦିଲି (କୋଟପାଡ଼)୨୯।୮(ଡି.ଏନ୍.ଏ.)

କୋଟପାଡ଼ ଏନ୍‌ଏସିରେ ନିଯୁକ୍ତ କରାଯାଇଛି ୱାର୍ଡ ଅଧିକାରୀ। ସରକାରଙ୍କ ୫ ‘ଟି’ କାର୍ଯ୍ୟକ୍ରମ ଆଧାରରେ ୱାର୍ଡବାସୀଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାର୍ଡରେ ୱାର୍ଡ ଅଫିସର ନିଯୁକ୍ତ କରିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକରଞ୍ଜନ ସାମନ୍ତରାୟ। ଦୀର୍ଘ ଏକ ବର୍ଷ ହେବ ପୌର ପରିଷଦ ନ ଥିବା ଯୋଗୁ ବିଭିନ୍ନ ସମସ୍ୟା ନେଇ ଲୋକେ ବାରମ୍ବାର ଏନ୍‌ଏସି କାର୍ଯ୍ୟାଳୟକୁ ଦୌଡୁଥିଲେ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ୱାର୍ଡବାସୀ ନିଜ ୱାର୍ଡ ଅଫିସରଙ୍କୁ ସମସ୍ୟା ଜଣେଇବେ ଓ ଯଥାଶୀଘ୍ର ଏହାର ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ସାମନ୍ତରାୟ ପ୍ରକାଶ କରିଛନ୍ତି। ସମସ୍ତ ୱାର୍ଡର କମ୍ୟୁନିଟି ସେଣ୍ଟରରେ ୱାର୍ଡ ଅଫିସରମାନେ କାର୍ଯ୍ୟ କରିବେ। ରାସ୍ତା, ସଫେଇ, ଆଲୋକ, ଡ୍ରେନ୍, ପାନୀୟ ଜଳ ସମସ୍ୟାକୁ ପ୍ରାଥମିକତା ଦିଆଯିବ। ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏହାର ଶୁଭାରମ୍ଭ କରିବେ ଓ ଏହା ସେପ୍ଟେମ୍ବର ପହିଲାରୁ କାର୍ଯ୍ୟ କରିବ।

## ଘାଟିରାସ୍ତାରେ ତିଆରି ହେଲା ଅସ୍ଥାୟୀ କାଠବାଡ଼

**‘ଧରିତ୍ରୀ’ ପ୍ରଭାବ**

କୋରାପୁଟ, ୨୯।୮(ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର-ନାରାୟଣପାଟଣା ଘାଟିରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏନେଇ ଗତ ମାସ ୨୯ ତାରିଖରେ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇବା ପରେ ସୁନାବେଡ଼ା ପିଡବ୍ଲ୍ୟୁଡି ବିଭାଗ ସେହି ସ୍ଥାନଗୁଡ଼ିକରେ ଅସ୍ଥାୟୀ କାଠର ବାଡ଼ ନିର୍ମାଣ କରି ସେଥିରେ ମାଟି ପ୍ୟାକିଂ କରିଥିବା ଗୁରୁବାର ଦେଖିବାକୁ ମିଳିଛି। ନାରାୟଣପାଟଣା-ଲକ୍ଷ୍ମୀପୁର ରାସ୍ତାର ପ୍ରାୟ ୮ଟି ସ୍ଥାନରେ ଏପରି କାଠବାଡ଼ ନିର୍ମାଣ କରାଯାଇଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି।



ଖବର ପୂର୍ବରୁ ଘାଟି ରାସ୍ତା।



ଖବର ପ୍ରକାଶ ପରେ ରାସ୍ତାପାର୍ଶ୍ୱର ମରାମତି କରାଯାଇଛି।

■ ବ୍ରିଟିଶ ବେଳର ଅଣଓସାରିଆ ପୋଲରେ ଉପୁଜୁଛି ଟ୍ରାଫିକ୍ ସମସ୍ୟା

# ବ୍ୟସ୍ତତମ ରାଜପଥରେ ନୂଆ ପୋଲ ଦାବି

ଜୟପୁର,୨୯।୮(ଡି.ଏନ୍.ଏ.)

ବ୍ରିଟିଶ ଅମଳର ଲୌହନିର୍ମିତ ପାତ୍ରପୁଟ ପୋଲ। ଏହି ପୋଲ ଯେଉଁ ରୁଟ୍‌ରେ ପଡୁଛି, ତାହା ହେଉଛି ଜୟପୁର-ବୈପାରୀଗୁଡ଼ା ରାସ୍ତା। ଏହି ରାସ୍ତା ରାଞ୍ଚି-ବିଜୟୱାଡ଼ା କରିଡରର ଅଂଶ ଭାବେ ୩୨୬ ନଂ ଜାତୀୟ ରାଜପଥରେ ଆସୁଛି। ଏହି ରାସ୍ତାଦେଇ ଦୈନିକ ହଜାର ହଜାର ଯାନବାହାନ ଚଳାଚଳ କରୁଥିବା ବେଳେ ଏହି ପାତ୍ରପୁଟ ପୋଲରେ ହିଁ ଟ୍ରାଫିକ୍ ସମସ୍ୟାରେ ଫସୁଛନ୍ତି।

ରାଞ୍ଚି-ବିଜୟାୱାଡ଼ା କରିଡରର ଜୟପୁରରୁ ମୋଟୁ ପର୍ଯ୍ୟନ୍ତ ରାସ୍ତାକୁ ୩୨୬ ନମ୍ବର ଜାତୀୟ ରାଜପଥ ବୋଲି ଘୋଷଣା କରାଯାଇଛି। ଏହି କରିଡର ଭିତରେ ଆସୁଥିବା ଜୟପୁର-ବୈପାରିଗୁଡ଼ା ରାସ୍ତାର ପାତ୍ରପୁଟ ନିକଟସ୍ଥ କୋଲାବ ନଦୀ ଉପରେ ଏହି ପୋଲ ରହିଛି। ଏହି ପୋଲ ଦେଇ ଦୈନିକ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲା, କୋରାପୁଟ ଜିଲାର ଲମତାପୁଟ ଓ ବୈପାରୀଗୁଡ଼ା ବ୍ଲକ, ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାକୁ ହଜାରରୁ ଅଧିକ ଯାନ ଚଳାଚଳ କରୁଛି। ୧୯୩୧ ମସିହା ଇଂରେଜ ସରକାରଙ୍କ ସମୟରେ ନିର୍ମିତ ଏହି ଲୁହାପୋଲର ଲମ୍ବ ୭୫ ମିଟର ଏବଂ ଓସାର ସାଢ଼େ ୫ମିଟର ରହିଛି। ଏହି ପୋଲର ବିଶେଷତ୍ୱ ହେଉଛି, କଲିକତାର ହାୱଡ଼ା ପୋଲ ମଡେଲ ଭଳି ଏହା ନିର୍ମିତ ହୋଇଥିବା ବେଳେ ଦୁଇ ପାର୍ଶ୍ୱକୁ ଛାଡ଼ିଦେଲେ ମଝିରେ କୌଣସି ପିଲର ନାହିଁ। ତେବେ ଦୁଇଟି ଚାରି ଚକିଆ ଯାନ ଏହି ପୋଲ ଦେଇ ଏକା ସମୟରେ ଯାଇପାରେ ନାହିଁ। ତେଣୁ ଗୋଟିଏ ଗାଡ଼ି ଅଟକି ରହିବା ପରେ ଅନ୍ୟ ଗାଡ଼ି ଯିବା ଆସିବା ଚାଲିଛି। ଉକ୍ତ ପୋଲ ଉପରେ ୧୦ ଟନ ପର୍ଯ୍ୟନ୍ତ ଓଜନର ଯାନବାହାନ ଯାତାୟାତ କରିପାରିବ। କିନ୍ତୁ ବର୍ତ୍ତମାନ ଏହି କ୍ଷମତାଠାରୁ ବହୁ ଅଧିକ ତଥା ୩୦ ଟନ୍‌ରୁ ଅଧିକ ବହୁସଂଖ୍ୟାରେ ଭାରୀଯାନ ନିୟମିତ ଏହି ପୋଲ ଦେଇ ଚଳାଚଳ କରୁଛି। ତେଣୁ ଏହି ପୋଲ ବଦଳରେ ପାର୍ଶ୍ୱରେ ତୁରନ୍ତ ଅନ୍ୟ ଏକ ପୋଲ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟଥା କୌଣସି କାରଣରୁ ଏହି ପୋଲରେ ଯାତାୟାତ ବନ୍ଦ ହେଲେ ମାଲକାନଗିରି ଜିଲାକୁ ଯୋଗାଯୋଗ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ସତ୍ତ୍ୱେ ସରକାର କିମ୍ବା ବିଭାଗୀୟ ପ୍ରଶାସନ ନୂତନ ପୋଲ ନିର୍ମାଣ ପାଇଁ କୌଣସି ପ୍ରସ୍ତାବ ରଖିବା କିମ୍ବା ପ୍ରୟାସ କରିବା ଦେଖାଯାଇ ନାହିଁ। ଏନେଇ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ ସମ୍ଭବ ହୋଇ ନଥିଲା। କନିଷ୍ଠ ଯନ୍ତ୍ରୀ ଗୌତମ ପ୍ରକାଶ ବିଶ୍ୱାଳ କହିଛନ୍ତି, ଏଠାରେ ପୋଲର ଆବଶ୍ୟକତା ଅଧିକ ରହିଛି। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଅତିଶୀଘ୍ର ପଦକ୍ଷେପ ନିଆଯିବ।



କୋଲାବ ନଦୀ ଉପରେ ଥିବା ବ୍ରିଟିଶ ଅମଳର ଲୁହା ପୋଲ।



**ପାତ୍ରପୁଟ ପୋଲ**
- ଜୟପୁର-ମାଲକାନଗିରି ରୁଟ୍‌ରେ ରହିଛି ଏହି ପୋଲ
- ଗୋଟିଏ ଗାଡ଼ି ଗଲେ ଆରପାଖେ ଅଟକିରହେ ବହୁ ଯାନବାହନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଅଗଷ୍ଟ ୩୦/୨୦୧୯ Rayagada, Friday, August 30 / 2019

**ସଂକ୍ଷେପରେ**



## ରାସ୍ତା ଦବିଲା, ଯାତାୟାତରେ ବାଧା

**କାଲିମେଲା,୨୯।୮ (ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ରୁ ଭୁବନପାଲ୍ଲି ଅଞ୍ଚଳକୁ ଯାଇଥିବା ରାସ୍ତା ଦବିଯାଇଛି। ଫଳରେ ଏଠାରେ ୩ ଫୁଟର ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏବେ ଏହି ରାସ୍ତା ଦେଇ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯିବା ଆସିବା କରୁଛନ୍ତି। ଭୁବନପାଲ୍ଲି ଗ୍ରାମବାସୀଙ୍କ କହିବା ଅନୁଯାୟୀ ଆଜକୁ ପ୍ରାୟ ଗତ ୬ ଦିନ ହେବ ଏହି ରାସ୍ତାରେ ମାଟି ଦବିଯିବା ଯୋଗୁ ୪ଚକିଆ ଯାନ ଯାତାୟାତ ବନ୍ଦ ହୋଇଯାଇଛି । ରାତିରେ ସାଇକେଲରେ ଯାତାୟାତ କରିବା ମଧ ସମସ୍ୟା ହୋଇପଡିଛି। ଭୁବନପାଲ୍ଲି ସରପଞ୍ଚ ସୁବା ମାଡକାମି କହିଛନ୍ତି ଯେ, ଗତ ୩ ଦିନ ତଳେ ସେ ଘଟଣା ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । ଏପର୍ଯ୍ୟନ୍ତ ଏହି ରାସ୍ତା ମରାମତି କରାଯାଇନାହିଁ।

## ପୋଖରିରେ ବୁଡି ଯୁବକ ମୃତ

**ଚିକିଟି,୨୯।୮(ଡି.ଏନ.ଏ.):** କେ.ନୂଆଗାଁ ଥାନା ରମ୍ଭା ପଞ୍ଚାୟତର ଦେଓମାଳି ଗ୍ରାମରେ ଗୁରୁବାର ପୋଖରିରେ ଗାଧୋଉଥିବାବେଳେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଏନ୍.ପୁରୁଷୋତ୍ତମ(୩୨)। ପ୍ରକାଶଥାଉକି, ଗୁରୁବାର ସକାଳ ପ୍ରାୟ ୭ଟାରେ ପୁରୁଷୋତ୍ତମ ଗ୍ରାମ ନିକଟ ପୋଖରୀରେ ଗାଧୋଉଥିବାବେଳେ ଗୋଡ ଖସି ବୁଡି ଯାଇଥିଲେ। ଗାଧୋଉଥିବା ଅନ୍ୟ ଲୋକମାନେ ଉଦ୍ଧାର କରି ଚିକିଟିଗଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଚିକିଟି ଫାଣ୍ଡି ଅଧିକାରୀ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି।

## ଜଳସୁରକ୍ଷା ଅଭିଯାନ



**ଚିତ୍ରକୋଣ୍ଡା,୨୯।୮(ଡି.ଏନ.ଏ.):** ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜଳସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତର କାର୍ଯ୍ୟରତ କୁଶଳୀ ଶ୍ରମିକ ମାନଙ୍କୁ ବିଭିନ୍ନ ଯନ୍ତ୍ରପାତି ଓ ହେଲିମେଟ ପ୍ରଦାନ କରାଯାଇଛି। ଆଗକୁ ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱାଡା, ଟନେଲକ୍ୟାମ୍ପ, କୁରୁମାନୁର, ପାପୁଲୁର, କପାଟୁଟି, ବଡ଼ପଦର, ବଡପଡା ଓ ପାପରମେଟେଲା ପଞ୍ଚାୟତରେ ଜଳ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶ୍ରମିକମାନଙ୍କୁ ଉପରୋକ୍ତ ସାମଗ୍ରୀ ମିଳିବ ବୋଲି କୁହାଯାଇଛି।

■ ଡାକ୍ତରଙ୍କ ଦୁର୍ବ୍ୟବହାର ଘଟଣା

# ତଦନ୍ତ କଲା ଜିଲା ସ୍ୱାସ୍ଥ୍ୟବିଭାଗ

**କାଲିମେଲା,୨୯।୮(ଡି.ଏନ.ଏ.)**

ମାଲାକନଗିରି ଜିଲା କାଲିମେଲା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଆଶାକର୍ମୀମାନଙ୍କୁ ଦୁର୍ବ୍ୟବହାର କରିବା ନେଇ ନିକଟରେ ୩୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ନେଇ ଜିଲାପାଳ ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ମହନ୍ତ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଅଭିଯୋଗର ତଦନ୍ତ କରିଛନ୍ତି। ଡା. ମହନ୍ତ ଆଶାକର୍ମୀ ଓ ମେଡିକାଲ ଇନଚାର୍ଜ ଡା. ଅବିଦ ହୁସେନ ଖାନଙ୍କ ସହିତ ଆଲୋଚନା କରିଥିଲେ । ତଦନ୍ତ ପରେ ଡା ମହନ୍ତ କହିଛନ୍ତି ଯେ, ଡାକ୍ତରଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ସରିଛି। ଏହାର ରିପୋର୍ଟ ସେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦେବେ। ଏହି ଅବସରରେ କାଲିମେଲା ଡାକ୍ତରଖାନାରେ ଆଗାମୀ ଦିନରେ ୪/୫ ଜଣ ଡାକ୍ତର ନିୟୋଜିତ ହେବେ ବୋଲି ସେ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୬ରେ ବଡିଗେଟା ପଞ୍ଚାୟତ ଅଳସିଗୁଡା ଗ୍ରାମର ଜଣେ ଗର୍ଭବତୀଙ୍କୁ ପ୍ରସବ ପାଇଁ ପରିବାର ଲୋକେ ଏମଭି-୭୦ ଗ୍ରାମର ଆଶାକର୍ମୀ ବିନତା ପୋଦାରଙ୍କୁ ଡାକିଥିଲେ । ଗର୍ଭବତୀଙ୍କୁ ନେବା ପାଇଁ ବିନତା ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସି ନ ଥିଲା । ଫଳରେ ଗର୍ଭବତୀଙ୍କୁ ଏକ ଅଟୋରେ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଏମ୍‌ପିଭି-୭୦ ଗ୍ରାମ ନିକଟରେ ଗର୍ଭବତୀଙ୍କ ସନ୍ତାନ ଜନ୍ମ ହୋଇଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହୋଇପଡିଥିଲା। ଆଶାକର୍ମୀ ବନିତା ନବଜାତ ଶିଶୁ ଓ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେତେବେଳେ ବିଭାଗୀୟ ଡାକ୍ତର ମେଡିକାଲରେ ନ ଥିଲେ । ଆଶାକର୍ମୀ ଜଣକ ଡାକ୍ତରଙ୍କ କ୍ୱାର୍ଟର୍ସକୁ ଯାଇ ଡାକିଥିଲେ ମଧ ସେ କବାଟ ଖୋଲି ନ ଥିଲେ । ପରେ ଡାକ୍ତରଙ୍କୁ ସେ ଫୋନ କରିଥିଲେ। କିନ୍ତୁ ଡାକ୍ତର ଉଠାଇ ନ ଥିଲେ । ପରେ ସନ୍ଧ୍ୟାରେ ଡାକ୍ତର ଡାକ୍ତରଖାନା ଆସି ଆଶାକର୍ମୀ ବନିତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ବନିତା ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ପରେ ୩୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଅଭିଯୋଗ ଶୁଣାଣି ବେଳେ ଅଭିଯୋଗ କରିଥିଲେ।



ଅଧିକାରୀମାନେ ଡାକ୍ତରଖାନାରେ ତଦନ୍ତ କରୁଛନ୍ତି।

■ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର ଘଟଣା

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର

**ମାଲକାନଗିରି,୨୯।୮ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ ସଦର ମହକୁମାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ନାୟକ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର କରିବା ନେଇ ଗତ ୨୨ରେ ମାଲକାନଗିରି ବ୍ଲକ ଶିକ୍ଷାଧିକାରୀ ତାଙ୍କୁ ନିଲମ୍ବିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ନାୟକ ଏହି ନିଲମ୍ବନ ଆଦେଶର ପ୍ରତିବାଦ କରିବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତିନିଦିନ ଧରି ବିଦ୍ୟାଳୟ ପରିସରରେ ହରତାଳ କରିଥିଲେ । ସମସ୍ତ ଘଟଣାକୁ ନେଇ ଘଟଣାର ପୁନଃ ଅନୁଧ୍ୟାନ କରାଯିବା ପରେ ବ୍ଲକ ଶିକ୍ଷାଧିକାରୀ ନାୟକଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୮୭୧ ଅନୁଯାୟୀ ଏହି ଆଦେଶ ପ୍ରତ୍ୟାହାର ହୋଇଛି। ପ୍ରକାଶ ଯେ, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି ନିକଟରେ ସେହି ବିଦ୍ୟାଳୟକୁ ପରିଦର୍ଶନ କରିବାକୁ ଯାଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ତାଙ୍କୁ ଅସମ୍ମାନ କରିଥିଲେ। ବିଦ୍ୟାଳୟର କିଛି ନଥିପତ୍ର ଦେଖିବା ପାଇଁ ଅଧ୍ୟକ୍ଷ ମାଗିଥିବାରୁ ତାଙ୍କୁ ସେ ଦେଇ ନ ଥିଲେ। ପରେ ବିଦ୍ୟାଳୟର ସମସ୍ତ ଆର୍ଥିକ ହିସାବପତ୍ର ଠିକ୍ ରୂପେ ପରିଚାଳନା ହୋଇ ନ ଥିବା, ହିସାବ ଖାତା ସମୟାନୁଯାୟୀ ଖର୍ଚ୍ଚ ଲିପିବଦ୍ଧ ନହେବା, ପିଲାଙ୍କୁ ଖାଦ୍ୟ ପେୟ ପ୍ରଦାନରେ ଅବ୍ୟବସ୍ଥା, ଛାତ୍ରୀ ନିବାସର ନିୟମ ଠିକ୍ ରୂପେ ପରିଚାଳନା ନ କରିବା ଦର୍ଶାଇ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ନାୟକ କହିଛନ୍ତି ଯେ, ଜଣେ ପ୍ରଧାନଶିକ୍ଷୟିତ୍ରୀ ହିସାବରେ ମୁଁ ମୋ କର୍ତ୍ତବ୍ୟ ସୁଚାରୁରୂପେ କରିଛି। ସିନ୍ଧ୍ରିମାଳ ବିଦ୍ୟାଳୟ ପୂର୍ବରୁ ଅନେକ ଅବ୍ୟବସ୍ଥାରେ ଚାଲିଥିଲା। ଏଥିପାଇଁ ପୂର୍ବରୁ ୨ଜଣ ଦୁଇ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଥିଲେ। ମୁଁ ଏଠାରେ ଯୋଗ ଦେବା ପରେ ବିଦ୍ୟାଳୟର ଶିକ୍ଷା, ପରିବେଶ, ସାଧାରଣ ଜ୍ଞାନ, ଏବଂ ବିଦ୍ୟାଳୟ ପରିଚାଳନା ଠିକ୍ ରୂପେ କରିଛି। ଯେକୌଣସି ପଦାଧିକାରୀ ଏହି ବିଦ୍ୟାଳୟକୁ ଆସିଲେ ତାହା ଅନୁଭବ କରନ୍ତି। ମୋତେ ନିଲମ୍ବିତ କରିବା ମୋ ବିରୋଧରେ ଷଡଯନ୍ତ୍ର ଥିଲା ବୋଲି ସେ କହିଛନ୍ତି।

# ବୈଷୟିକ ତାଲିମ ପାଇଁ ସହାୟତାର ହାତ ବଢାଇଲା ଆଇଟିଡିଏ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ମାଲକାନଗିରି,୨୯।୮ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଅନେକ ଶିକ୍ଷିତ ବେକାରୀ ଯୁବତୀଯୁବକ କର୍ମ ନିଯୁକ୍ତି ନ ପାଇ ବେକାର ହୋଇ ଘରେ ବସିଥିବା କିମ୍ବା ଶ୍ରମିକ ଭାବେ କାମ କରିବାକୁ ରାଜ୍ୟ ବାହାରକୁ ଯାଉଥିବା ଅନେକ ନଜିର ରହିଛି। ଏହି ଯୁବତୀଯୁବକଙ୍କୁ ବିଭିନ୍ନ କ୍ଷେତ୍ରରେ ବୈଷୟିକ ତାଲିମ ଦେବାପାଇଁ ମାଲକାନଗିରି ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସହଯୋଗର ହାତ ବଢାଇଛି। ଜିଲାରେ ଆଇଟିଆଇ ପଲିଟେକନିକ୍, ଡିପ୍ଲୋମା ଇନିୟରିଂ ଏବଂ ବିଭିନ୍ନ ତାଲିମକେନ୍ଦ୍ରରେ ଅଧ୍ୟୟନ କରି ଯୁବତୀଯୁବକମାନେ ଆଗାମୀ ଦିନରେ ବିଭିନ୍ନ କମ୍ପାନୀରେ କର୍ମନିଯୁକ୍ତି ପାଇବା ସହ ନିଜେ ମଧ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଅର୍ଥ ଉପାର୍ଜନ କରିପାରିବେ ବୋଲି ଆଇଟିଡିଏ ପକ୍ଷରୁ କୁହାଯାଇଛି। ଜିଲାରେ ଥିବା ମଙ୍ଗଳ ବିଭାଗର ସମସ୍ତ ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ କରି ଘରେ ରହିଥିବା ଏହି ଯୁବତୀଯୁବକଙ୍କୁ ବିଭିନ୍ନ ଅଞ୍ଚଳରୁ ଚିହ୍ନଟ କରିବା ପାଇଁ ଗୁରୁବାର ଆଇଟିଡିଏ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ଅନୁରୋଧ କରାଯାଇଛି। ଓଟିଇଏଲ୍‌ପି ସମ୍ମିଳନୀ କକ୍ଷରେ ହୋଇଥିବା କର୍ମଶାଳାରେ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର ବିଭିନ୍ନ ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ କରି ଘରେ ରହିଥିବା ଯୁବତୀଯୁବକଙ୍କୁ ଚିହ୍ନଟ କରବାକୁ ପ୍ରଧାନଶିକ୍ଷକମାନଙ୍କୁ କୁହାଯାଇଥିଲା। ଚିହ୍ନଟ ଯୁବତୀଯୁବକଙ୍କୁ ଜିଲା ସଦର ମହକୁମାରେ ଥିବା ବିଭିନ୍ନ ତାଲିମକେନ୍ଦ୍ରରେ ମାଗଣାରେ ତାଲିମ ଦେବା ସହ ସେମାନଙ୍କୁ ଖାଦ୍ୟପେୟ ଓ ଅନ୍ୟାନ୍ୟ ସାମଗ୍ରୀ ଆଇଟିଡିଏ ଯୋଗାଇଦେବ ବୋଲି ଗଣ୍ଡ ସୂଚନା ଦେଇଥିଲେ।

## ଜିଲାରେ ଅଛନ୍ତି ବହୁ ପ୍ରତିଭାବାନ କ୍ରୀଡାବିତ୍

**ମାଲକାନଗିରି,୨୯।୮ (ଡି.ଏନ୍.ଏ.):** ମାଲକାନଗିରି ଡିଏନ୍‌କେ ଖେଳ ପଡିଆଠାରେ ଗୁରୁବାର ଅନ୍ତର୍ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା କ୍ରୀଡା ଅଧିକାରୀ କୁଳମଣି ନିହାଲ ଉପସ୍ଥିତ ଥିଲେ। ଏହି ଅବସରରେ ମହାନ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲାରେ ବହୁ ପ୍ରତିଭାବାନ ଖେଳାଳି ଅଛନ୍ତି। କିଛିଦିନ ତଳେ ଭକ୍ତରାମ ଦେହୁରି ଭାରୋତ୍ତୋଳନରେ ଅନ୍ତର୍ଜାତୀୟ ସ୍ତରରେ ପଦକ ଜିତି ଜିଲା ପାଇଁ ସୁନାମ ଆଣିଛନ୍ତି। ଜିଲାର ବହୁ ଖେଳାଳି ଜାତୀୟ ସ୍ତରରେ ସୁନାମ ଆଣିଛନ୍ତି। ଆବଶ୍ୟକ ଭିତ୍ତିଭୂମି ରହିଲେ ବହୁ କ୍ରୀଡାବିତ୍ ଆଗାମୀ ଦିନରେ ସଫଳତା ପାଇପାରିବେ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଏକ ଗଣଦୌଡ ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଓଡିଶା ମାର୍ଶାଲ୍ ଆର୍ଟ, ମାଲକାନଗିରି ଶାଖାର ବିନାଶ ମିଶ୍ର, କ୍ରୀଡାବିତ୍ ପ୍ରୀତପଲ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







# କୋଦାଳ ଧରି ଅଳିଆ ସଫା କରୁଛନ୍ତି ହଷ୍ଟେଲ ଛାତ୍ର

**କୋରୁକୋଣ୍ଡା, ୨୯।୮(ଡି.ଏନ.ଏ.)**

ସରକାର ଆଦିବାସୀ ଅଧ୍ୟୁଷିତ ଜିଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ଅଧ୍ୟୟନ ଲାଗି ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ସେମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ତଥାପି ଛାତ୍ରୀଛାତ୍ରଙ୍କୁ ଅଳିଆ ସଫା କରିବା କାର୍ଯ୍ୟରେ ଲଗାଉଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ଏପରି ଏକ ଘଟଣା ଘଟିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ସୋମନାଥପୁର ପଞ୍ଚାୟତରେ ଥିବା ଆବାସିକ ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀନିବାସରେ। ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀନିବାସରେ ଛାତ୍ରୀମାନେ ରହିଥାନ୍ତି। ବିଦ୍ୟାଳୟ ପରିସରରେ ମଧ ପ୍ରଥମରୁ ଅଷ୍ଟମ ଶ୍ରେଣୀଯାଏ ଏକ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାଲିଛି। ଏହି ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନଙ୍କ ଲାଗି ଗୋଟିଏ କିଲୋମିଟର ଦୂରରେ ଛାତ୍ରାବାସ ରହିଛି। ଗୁରୁବାର ଛାତ୍ରାବାସର ପିଲାଙ୍କୁ ଡକାଇ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ଛାତ୍ରୀନିବାସଠାରେ ଗଦା ହୋଇଥିବା ଅଳିଆ ସଫା କରିବାକୁ କହିଥିଲେ। ପିଲାମାନେ ହାତରେ କୋଦାଳ ଧରି ଅଳିଆ ସଫା କରିଥିଲେ। ଏନେଇ ସମ୍ପୃକ୍ତ ଛାତ୍ରମାନେ ଷଷ୍ଠ ଶ୍ରେଣୀର ତ୍ରିନାଥ ମୁଦୁଲି, ଜଗନ୍ନାଥ ପାଙ୍ଗି, ଲଳିତ ସିଶା, ସପ୍ତମ ଶ୍ରେଣୀର ବଳଭଦ୍ର ଖରା, ଶିବ ଗୋଲରି କହନ୍ତି ବିଦ୍ୟାଳୟ ଛୁଟି ହେବାର କିଛି ସମୟ ପରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଜଗୁଆଳିଙ୍କ ମାଧ୍ୟମରେ ସେମାନଙ୍କୁ ଡକାଇ ଛାତ୍ରୀନିବାସ ପାଚେରିଠାରେ ଗଦା ହୋଇଥିବା ଅଳିଆ ସଫା କରିବାକୁ କହିଥିଲେ। ଆମେ ସଫା କରିଥିଲୁ। ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଅନୁସୟା ସାହୁଙ୍କୁ ପଚାରିବାରୁ ସେ ଏନେଇ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। ଏହି ଘଟଣା ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



ଛାତ୍ରମାନେ ଅଳିଆ ସଫା କରୁଛନ୍ତି।

# ଧାରଣା ପରେ ଜିଲା ପ୍ରଶାସନର ତତ୍ପରତା

**ଚିତ୍ରକୋଣ୍ଡା,୨୯।୮(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳ ଅଧିବାସୀ ସେମାନଙ୍କ ବିଭିନ୍ନ ଦାବି ନେଇ ସ୍ୱିଲଓ୍ୱେ ଲଞ୍ଚ ଘାଟଠାରେ ଗଣଧାରଣା ଦେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ବିଚ୍ଛିନ୍ନାଞ୍ଚଳର ପଞ୍ଚାୟତଗୁଡିକରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ସିଡ଼ିପିଓ ଅନ୍ନପୂର୍ଣ୍ଣା ବୁରୁଦା ବିଚ୍ଛିନ୍ନାଞ୍ଚଳରେ ଚାଲିଥିବା ନିଜ ବିଭାଗର କାର୍ଯ୍ୟକ୍ରମ ତଦାରଖ କରି ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଚାଲିଥିବା ପ୍ରାକ୍‌ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସେ ଯୋଡ଼ମ୍ବ, ପଣସପୁଟ, ଅଣ୍ଡିରାପାଲି,ଦାରାଲାବେଢା, ଯନ୍ତ୍ରୀ ରାଲେଗଡା,. ଧୂଳିପୁଟ, ପାପରମେଟଲା ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ଏକଜୁଟ କରି ନିଜ କେନ୍ଦ୍ରରେ ରହି ନିୟମିତ ସୁଷମ ଖାଦ୍ୟ ବ୍ୟବସ୍ଥାର ପରିଚାଳନା କରିବା ନେଇ ତାଗିଦ କରିଛନ୍ତି। ନିଜେ ନିୟମିତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଯାଇ ପରିଦର୍ଶନ କରିବା ସହ ତଦାରଖ କରିବେ ବୋଲି କହିଛନ୍ତି। ଏଥିସହ ମମତା ଯୋଜନାରେ ହିତାଧିକାରୀମାନେ ଯେପରି ଟଙ୍କା ପାଇବେ ଏବଂ ଯାହାର ବ୍ୟାଙ୍କ ଆକାଉଣ୍ଟ ନାହିଁ ସେମାଙ୍କର ଶୀଘ୍ର ଆକାଉଣ୍ଟ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଡ଼ମ୍ବ ପଞ୍ଚାୟତର ତାରାବେଢା, ଖଜୁରିଗୁମା ଅଞ୍ଚଳର ୩୫ ଜଣଙ୍କ ଆକାଉଣ୍ଟ ଖୋଲିବା ନେଇ ପଦକ୍ଷେପ ନେଇଛନ୍ତି। ଏହି ସମୟରେ ତାଙ୍କ ସହ ସୁପରଭାଇଜର ଚମ୍ପା ନାୟକ, ବିଜୟଲକ୍ଷ୍ମୀ ଶୋଭାସୁନ୍ଦର ଓ ଗାଙ୍ଗଇ ଶିରିଗାମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ବିଚ୍ଛିନ୍ନାଞ୍ଚଳର ୫ ପଞ୍ଚାୟତ ପଣସପୁଟ, ଯୋଡ଼ମ୍ବ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡ଼ିର ଲୋକେ ଦୀର୍ଘବର୍ଷ ଧରି ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଆସୁଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସେମାନଙ୍କ ନିକଟରେ ଅପହଞ୍ଚ ଥିଲା। ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ହେବା ପରେ ସେମାନଙ୍କ ଦୁଃଖ କିଛି ପରିମାଣରେ ଲାଘବ ହେବ, ପ୍ରଶାସନ ସେମାନଙ୍କ ପାଇଁ ରାସ୍ତାଘାଟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇବା ବ୍ୟବସ୍ଥା କରିବ ବୋଲି ଅଞ୍ଚଳବାସୀ ଆଶା ବାନ୍ଧିଥିଲେ। ତାହା ନ ହେବାରୁ ଏହି ୫ ପଞ୍ଚାୟତର ଲୋକେ ବିକାଶ ପରିଷଦ ନେତୃତ୍ୱରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଏସମ୍ପର୍କରେ ଅଭିଯୋଗ କରିଥିଲେ। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ୧ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳାପୁରଷ ୧୦୦ କିଲୋମିଟର ଲଞ୍ଚ ଯୋଗେ ଆସି ସ୍ୱିଲ୍‌ଓ୍ୱେ ଲଞ୍ଚଘାଟଠାରେ ପହଞ୍ଚି ଗଣଧାରଣା ଦେଇଥିଲେ। ସ୍ଥିତି ବିଗୁଡୁଥିବା ଖବର ପାଇ ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଜିଲାପାଳଙ୍କୁ ଭେଟିବାକୁ ଜିଦ୍ ଧରି ଅଞ୍ଚଳବାସୀ ଧାରଣା ପ୍ରତ୍ୟାହାର କରି ନ ଥିଲେ। ଦ୍ୱିତୀୟ ଦିବସରେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ଆସନ୍ତା ୧୦ ତାରିଖରେ ଜିଲାପାଳଙ୍କ ସହ ଆଲୋଚନା ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ୬୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ

ଦୁର୍ଗୀ,୨୯।୮ : ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ଡୁମୁରୁନେଲି ପଞ୍ଚାୟତ କାର୍ଯ୍ୟାଳୟରେ ୬୫ ଜଣ ହିତାଧିକାରୀଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏଥିରେ ସରପଞ୍ଚ ସଂଯୁକ୍ତା କଲାକା, ଗ୍ରାମ ସେବକ ପ୍ରମୋଦ କୁମାର ମିଶ୍ର, କନିଷ୍ଠ ଯନ୍ତ୍ରୀ ପି. ସୁଧାକର ରାଓ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୪ ମାସ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କଲେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ହିତାଧିକାରୀଙ୍କୁ ଅତିଥିମାନେ କହିଥିଲେ ।

### ମଜଦୁର ସଂଘ ପକ୍ଷରୁ ପର୍ଯ୍ୟାବରଣ ଦିବସ

ରାୟଗଡ଼ା ଅଫିସ,୨୯।୮: ଭାରତୀୟ ମଜଦୁର ସଂଘ ପକ୍ଷରୁ ଦୁଇ ଦିନ ଧରି ରାୟଗଡ଼ା ଜିଲାରେ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ପାଳିତ ହୋଇଯାଇଛି । ଭାରତୀୟ ମଜଦୁର ସଂଘର ଜିଲା ସଭାପତି ଯୋଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ରାୟଗଡ଼ା ଜିଲାରେ ସବୁ ବ୍ଲକରେ ବୃକ୍ଷରୋପଣ କରାଯାଇଥିଲା । ରାୟଗଡ଼ା ସହରର ଇଏସଆଇ ହସ୍‌ପିଟାଲ, ଗାୟତ୍ରୀନଗରର ପ୍ରେମ ପାହାଡ଼, କତୁରୁସ୍ଥିତ ଶିଳ୍ପ ତାଲିମ ଅନୁଷ୍ଠାନରେ ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘ ଜିଲା ସମ୍ପାଦକ ଖମ୍ଭେଶ୍ୱର ରଣସିଂ, ଗୀତା ଉଲ୍ଲାକା, ସୁନିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଭାରତୀୟ ମଜଦୁର ସଂଘ କୋଷାଧ୍ୟକ୍ଷ ଉଷାରାଣୀ ଦାସ ଧନ୍ୟବାଦ ଦେଇଥିଲେ ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗୁଣପୁର,୨୯।୮(ଡି.ଏନ.ଏ): ଗୁଣପୁର ଗାୟତ୍ରୀ ବୈଷୟିକ ମହାବିଦ୍ୟାଳୟର ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସାହୁ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପି.ଭି.କଟେଶ୍ୱର ରାଓ, କମ୍ପ୍ୟୁଟର ବିଭାଗ ମୁଖ୍ୟ ଧବଳେଶ୍ୱର ପଟ୍ଟନାୟକ,ଏମବିଏ ବିଭାଗ ମୁଖ୍ୟ ମାନସ ରଞ୍ଜନ ସାମଲ, ଫାର୍ମାସି ବିଭାଗ ଅଧ୍ୟକ୍ଷ ଡ.ଦିଲୀପ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟାପିକା ମନ୍ମୟୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧ୍ୟାପିକା ପ୍ରିୟଙ୍କା ପାଢୀ ବିବରଣୀ ପାଠ କରିଥିଲେ । ଅଧ୍ୟାପିକା ସୀତାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନ କର୍ମଚାରୀ ପ୍ରଫୁଲ୍ଲ ପଟ୍ଟନାୟକ, ଚନ୍ଦନ ନାୟକ, ବି.ଚନ୍ଦ୍ରିକାକୁମାରୀ, ରାଜୀବ ପଣ୍ଡା, ଲକ୍ଷ୍ମୀନାରାୟଣ ସାହୁ, ପ୍ରଫୁଲ୍ଲ ମହାନ୍ତି, ଦେବେନ୍ଦ୍ର କୁମାର ମିଶାଲ, ମମତା ପଣ୍ଡା, ଯୁଜା ବିଡିକା, ଜଳନ୍ଧର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ । ବି.ଫାର୍ମା, ଏମ.ଫାର୍ମା, ଏମବିଏ.,ବିବିଏ,ଏମସିଏ, ବିସିଏ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ପୁଣି କନ୍ଦାଇଲା ପିଆଜ

ରାୟଗଡ଼ା ଅଫିସ, ୨୯।୮



ପିଆଜ ପୁଣିଥରେ ଖାଉଟିଙ୍କ ଆଖିରୁ ଲୁହ ବୁହାଇବା ଆରମ୍ଭ କରିଛି । ରାୟଗଡ଼ାର ଖୁଚୁରା ଓ ପାଇକାରୀ ବଜାରରେ ୭ ଦିନ ହେଲା ପିଆଜର ଦର ଆକାଶଛୁଆଁ ହୋଇଛି। ସହରର ଓଭରବ୍ରିଜ୍ ତଳ ପରିବା ବଜାରରେ ପିଆଜ କିଲୋ ପ୍ରତି ୪୦ ଟଙ୍କା ରହିଥିବା ବେଳେ ବୁଲାବିକାଳିଙ୍କଠାରେ କେଜି ପ୍ରତି ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି। ଏଭଳି ଅନିୟନ୍ତ୍ରିତ ଦର ମଧ୍ୟବିତ୍ତ ପରିବାରକୁ ବେଶ୍ ପ୍ରଭାବିତ କରିଛି ।

ରାୟଗଡ଼ା ବଜାରରେ ପ୍ରତ୍ୟେକ ଦିନ ପ୍ରାୟ ୫ ଟନ୍ ପିଆଜ ବିକ୍ରୟ ହେଉଛି। ୬ ମାସ ମଧ୍ୟରେ ପିଆଜର ଦାମ ୫ ଗୁଣ ବୃଦ୍ଧି ପାଇଛି। ଯେଉଁ ସମୟରେ ବଜାରରେ ପିଆଜ ଅଭାବ ଦେଖାଦେଇଥାଏ, ସେତେବେଳେ ପିଆଜର କିଣା ଦାମ ସହିତ ୪ ଟଙ୍କା ମିଶାଇ ବିକ୍ରୟ କରିବାକୁ ପ୍ରଶାସନ ତରଫରୁ ଖୁଚୁରା ବ୍ୟବସାୟୀଙ୍କୁ କୁହାଯାଇଥାଏ। କାରଣ ଏହି ୪ ଟଙ୍କାରେ ପରିବହନ ଖର୍ଚ୍ଚ ଓ ଲାଭ ରହିଥାଏ। ବର୍ତ୍ତମାନ ମହାରାଷ୍ଟ୍ରରେ ପିଆଜର ଦାମ ବୃଦ୍ଧି ପାଇବା ଯୋଗୁ ସହରରେ ମଧ୍ୟ ଏହା ବୃଦ୍ଧି ପାଇଛି । ଆଗକୁ ଆହୁରି ଅଧିକ ବଢିବାର ସମ୍ଭାବନା ରହିଥିବା ପାଇକାରୀ ଓ ଖୁଚୁରା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଖୁଚୁରା ବ୍ୟବସାୟୀମାନେ ଗଚ୍ଛିତ ଦ୍ରବ୍ୟର ପରିମାଣ ଓ ଦାମ ଲେଖି ଦୋକାନ ସମ୍ମୁଖରେ ଟାଙ୍ଗିବାର ନିୟମ ରହିଛି। ହେଲେ ଅଧିକାଂଶ ବ୍ୟବସାୟୀ ଏହା ମାନୁ ନ ଥିବା ଜଣାଯାଇଛି। ଏହି ନିୟମକୁ ଠିକ୍ ଭାବରେ ଲାଗୁ କଲେ ଖାଉଟିମାନେ ଅତିକମ୍‌ରେ ସଚେତନ ହୋଇପାରିବେ। ଏନେଇ ଖାଉଟି ଓ ଯୋଗାଣ ଅଧିକାରୀ ପିଡ଼ିଏମ ଖୋସଲା ପଚାରିବାରୁ, ପିଆଜର ଯୋଗାଣ କମ ରହିଥିବା ହେତୁ ସାରା ରାଜ୍ୟରେ ଦର ବଢି ଚାଲିଛି। ସହରରେ କଳାବଜାର ଯେମିତି ନ ହୁଏ ସେଥିପ୍ରତି ଧ୍ୟାନ ଦେଉଛୁ । ରେଟ୍ ଚାଟ୍ ଆଗାମୀ ଦିନରେ ଲଗାଇବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

■ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

# ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ଧର୍ମେନ୍ଦ୍ର

ଟିକିରି, ୨୯।୮(ଡି.ଏନ୍.ଏ.)



ମୁଣ୍ଡ ଉପରେ ନାହିଁ ବାପାଙ୍କ ହାତ। ମା' ଓ ତିନିଭାଇଙ୍କୁ ଚଳାଇବା ଦାୟିତ୍ୱ ତାଙ୍କ ଉପରେ। ନିଜେ ମଧ୍ୟ ପାଠ ପଢୁଛନ୍ତି। ବୋଝ ଉପରେ ନଳିତା ବିଡା ଭଳି ସିକଲ୍‌ସେଲ ରୋଗରେ ପୀଡିତ ହୋଇ ଏବେ ସେ ଦିବ୍ୟାଙ୍ଗ। ପରିବାର ଚଳାଇବା ସହ ନିଜ ପାଠପଢା ଖର୍ଚ୍ଚ ଉଠାଇବା କଷ୍ଟକର ହୋଇପଡୁଛି। ଚିକିତ୍ସା ପାଇଁ ଅର୍ଥ ଅଭାବ। ତେଣୁ ତାଙ୍କୁ ସରକାରୀ ସହାୟତା ମିଳୁ ବୋଲି ରାୟଗଡା ଜିଲା କାଶୀପୁର ବ୍ଲକ ଗୋରପୁର ପଞ୍ଚାୟତ ଲିପଡା ଗ୍ରାମର ଧର୍ମେନ୍ଦ୍ର ନାଏକ (୨୭) ନିବେଦନ କରିଛନ୍ତି।

ପ୍ରକାଶ ଯେ, ଦଶମ ଶେଣୀ ପାଠ ପଢୁଥିବାବେଳେ ଧର୍ମେନ୍ଦ୍ର ସିକଲ୍‌ସେଲ ରୋଗରେ ପୀଡିତ ହୋଇଥିଲେ। କିଛି ବର୍ଷ ପରେ ଡାହାଣ ଗୋଡ କାମ ନ କରିବାରୁ ସେ ଏବେ ଠିକ୍‌ଭାବେ ଚାଲିପାରୁ ନାହାନ୍ତି। ଚାଲିବା ପାଇଁ ଆଶାବାଡିର ସାହାରା ନେବାକୁ ପଡୁଛି। ଧର୍ମେନ୍ଦ୍ର ଏବେ ରାୟଗଡ଼ାରେ ବିଟେକ୍ କରୁଛନ୍ତି। ଗତ କିଛିବର୍ଷ ତଳେ ତାଙ୍କ ବାପା ନାଭି ନାଏକଙ୍କ ମୃତ୍ୟୁ ହୋଇଯାଇଛି। ସେବେଠାରୁ ପରିବାର ଦାୟିତ୍ୱ ତାଙ୍କ ଉପରେ। ନିଜ ପାଠପଢା ଖର୍ଚ୍ଚ ସହ ତିନି ଭାଇଙ୍କ ସ୍କୁଲ ଖର୍ଚ୍ଚ ଧର୍ମେନ୍ଦ୍ର ତୁଲାଉଛନ୍ତି। ମା' କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବାରୁ ତାଙ୍କର ଔଷଧ ଖର୍ଚ୍ଚ ମଧ୍ୟ ଯୋଗାଡ଼ କରିବାକୁ ପଡୁଛି। ନିଜ ଚିକିତ୍ସା ପାଇଁ ଧର୍ମେନ୍ଦ୍ର ପ୍ରଥମେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତର ତାଙ୍କୁ କୋରାପୁଟ ମେଡିକାଲକୁ ପଠାଇଥିଲେ। ପରେ ସେ ବ୍ରହ୍ମପୁର, ବୁର୍ଲା ଓ କଟକ ମେଡିକାଲ କଲେଜରେ ମଧ୍ୟ ଚିକିତ୍ସିତ ହୋଇଥିଲେ। ଏଥିପାଇଁ ଅନେକ ଟଙ୍କା ଖର୍ଚ୍ଚ କରି ମଧ୍ୟ ସେ ଠିକ୍ ହୋଇ ନ ଥିଲେ। ଏବେ ବୁର୍ଲାରେ ଅଧିକ ଚିକିତ୍ସା ଚାଲିଛି। ଏଥିପାଇଁ ଅଧିକ ଟଙ୍କା ଆବଶ୍ୟକ। ଏତେ ମାତ୍ରାରେ ଅର୍ଥ ଯୋଗାଡ କରିବା ସମ୍ଭବ ହେଉ ନ ଥିବାରୁ ଏବେ ଭାଗ୍ୟକୁ ଆଦରି ରହିବାକୁ ପଡୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଜିଲା ପ୍ରଶାସନ ବା ରାଜ୍ୟ ସରକାର ସହାୟତା ଯୋଗାଇ ଦେଲେ ଧର୍ମେନ୍ଦ୍ର ସୁସ୍ଥ ହୋଇପାରନ୍ତେ ବୋଲି ତାଙ୍କ ପରିବାର ଓ ଗ୍ରାମବାସୀ କହିଛନ୍ତି। ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସ ପାଳିତ



ହକି ଷ୍ଟିକ ଏବଂ ବଲଆକୃତିରେ ପିଲାମାନେ ସଜ୍ଜିତ ହୋଇଛନ୍ତି ।

ଗୁଣପୁର,୨୯।୮(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ଜାତୀୟ କ୍ରୀଡ଼ା ଗୁରୁବାର ପାଳିତ ହୋଇଯାଇଛି । ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବିଦ୍ୟାଳୟ କ୍ରୀଡ଼ା ଅଧିନାୟକ ରୋବର୍ଟ ବାତ୍ରା ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ । ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାସ୍ଥ୍ୟ ଓ କ୍ରୀଡ଼ାର ମହତ୍ତ୍ୱ ବିଷୟରେ କହିଥିଲେ । ଶିକ୍ଷା ଉପଯୋଗୀ କ୍ରୀଡ଼ା ଏବଂ ସ୍ୱାସ୍ଥ୍ୟ ହିଁ ଜୀବନ ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ପ୍ରାର୍ଥନାସଭା ଆୟୋଜିତ ହୋଇଥିଲା । ଶେଷରେ ଛାତ୍ରୀମାନଙ୍କୁ ନେଇ ଶିବାଜୀ ଓ ସରୋଜିନୀ ଦଳ ମଧ୍ୟରେ ଖୋଖୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେହିପରି ଛାତ୍ରମାନଙ୍କୁ ନେଇ ବଳରାମ ଓ ଗୋପବନ୍ଧୁ ଦଳ ମଧ୍ୟରେ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶିବାଜୀଗୃହ ବାଳିକା ଖୋଖୋ ଏବଂ ଗୋପବନ୍ଧୁ ଗୃହ ବାଳକ କବାଡ଼ିରେ ବିଜୟୀ ହୋଇଥିଲେ । ଏହାକୁ ବିଦ୍ୟାଳୟ କ୍ରୀଡ଼ାଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ସଙ୍ଗୀତା ରାୟ ଏବଂ ଅନନ୍ତ ରଥ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ସଂସ୍କୃତ ଦିବସ ଅବସରରେ ପ୍ରାର୍ଥନାସଭା ସଂସ୍କୃତ ଭାଷାରେ ସମ୍ପାଦିତ ହୋଇଥିଲା । କ୍ରୀଡ଼ା ଦିବସ ଉପଲକ୍ଷେ ଜି. ଆଇଇଟିର ପ୍ରବନ୍ଧ ନିର୍ଦ୍ଦେଶକ ଡ: ଜଗଦୀଶ ପଣ୍ଡା ଉତ୍ତମସ୍ୱାସ୍ଥ୍ୟ ପାଇଁ ଉତ୍ତମ କ୍ରୀଡ଼ା ଆବଶ୍ୟକତା ବୋଲି କହିଥିଲେ ।

### ତୁଟିଲା ବିବାଦ ଛାତ୍ରଙ୍କ ସାର୍ଟିଫିକେଟ ଦେବେ କଲେଜ କର୍ତ୍ତୃପକ୍ଷ

ରାୟଗଡ଼ା ଅଫିସ,୨୯।୮

ଟ୍ୟୁଶନ ଫି ଟଙ୍କା ବକେୟା ଥିବାରୁ କଲେଜ କର୍ତ୍ତୃପକ୍ଷ ଜଣେ ଆର୍ଥିକ ଅନଗ୍ରସର ଛାତ୍ରଙ୍କ ସାର୍ଟିଫିକେଟ ଦେଉ ନ ଥିଲେ। ଆଇନ ସେବା ପ୍ରାଧିକରଣ ହସ୍ତକ୍ଷେପ ପରେ ସେମାନଙ୍କ ବିବାଦ ସମାଧାନ ହୋଇଥିଲା। କଲେଜ କର୍ତ୍ତୃପକ୍ଷ ଉକ୍ତ ଛାତ୍ରଙ୍କ ସାର୍ଟିଫିକେଟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, କଲ୍ୟାଣସିଂହପୁର ଥାନା ମନେଇଗୁଡ଼ା ଗ୍ରାମର ଅଶୋକ କୁମାର ନିଶିକା ରାୟଗଡ଼ାସ୍ଥିତ ରିତମ କଲେଜରେ ବିଟେକ୍ ପଢୁଥିଲେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପଢା ସରିବା ପରେ ମଧ୍ୟ ସେ କଲେଜରେ ଟିଉଶନ ଫି' ବାବଦକୁ ୧୦,୫୦୦ ଟଙ୍କା ବକେୟା ରଖିଥିଲେ। ତେଣୁ କଲେଜ କର୍ତ୍ତୃପକ୍ଷ ଅଶୋକଙ୍କୁ ସାର୍ଟିଫିକେଟ ଦେଉ ନ ଥିଲେ। ଏ ନେଇ ଅଶୋକ ଜିଲା ଆଇନସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ମନୋରଞ୍ଜନ ମିଶ୍ର ଉକ୍ତ କେସ୍‌ଟିକୁ ବରିଷ୍ଠ ଆଇନଜୀବୀ ମନୁଚରଣ ସ୍ୱାଇଁଙ୍କୁ ଦେଇଥିଲେ। ଗୁରୁବାର ଦୁଇ ପକ୍ଷ ଆଲୋଚନା କରିଥିଲେ। ରିତମ୍ କଲେଜ ଭାରପ୍ରାପ୍ତ ଅଧକ୍ଷ କିଷନ କୁମାର ଅଶୋକଙ୍କ ଆର୍ଥିକ ଅନଗ୍ରସରତାକୁ ଦୃଷ୍ଟିରେ ରଖି କୌଣସି ବକେୟା ଦେୟ ନ ନେଇ ସାର୍ଟିଫିକେଟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

■ ସିପକଟାକ୍ର ବିଶ୍ୱକପ: ଭାରତ ଚାମ୍ପିୟନ

# ପୃଥ୍ୱୀରାଜ ଭାରତୀୟ ଦଳ ମ୍ୟାନେଜର



ଖେଳାଳିଙ୍କ ସହିତ ଟିମ ମ୍ୟାନେଜର।

ଗୁଣପୁର,୨୯।୮(ଡି.ଏନ.ଏ)

ସିପକଟାକ୍ର କିଙ୍ଗ୍ସ ବିଶ୍ୱକପ୍ ରେଗୁ ଇଭେଣ୍ଟରେ ଗୁରୁବାର ଭାରତ ଚାମ୍ପିୟନ ହୋଇଛି। ବିଶ୍ୱକପ ରେଗୁ ଇଭେଣ୍ଟ ଫାଇନାଲରେ ଭାରତ ଟିମ ଚାଇନିଜ ତାଇପେକୁ ୨୧-୭ ଓ ୨୧-୧୯ରେ ପରାଜୟ କରିଛି। ରାୟଗଡା ଜିଲା ବିଷମକଟକ ଅଞ୍ଚଳର କ୍ରୀଡ଼ା ସଙ୍ଗଠକ ପୃଥ୍ୱୀରାଜ ସାହୁ ଭାରତୀୟ ଟିମ୍‌ର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ, ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତ ସମେତ ନ୍ୟୁଜିଲାଣ୍ଡ, କୋରିଆ, ଜାପାନ, ଅଷ୍ଟ୍ରେଲିଆ, ଇରାନ, ଶ୍ରୀଲଙ୍କା, ପାକିସ୍ତାନ, ଜର୍ମାନୀ, ସୁଇଜରଲାଣ୍ଡ ଏବଂ ଆମେରିକା ଆଦି ଦେଶ ଭାଗ ନେଇଥିଲେ।

# ସାପ କାମୁଡ଼ାରେ ଶିଶୁ ମୃତ, ଉତ୍ତେଜନା

ରାୟଗଡ଼ା ଅଫିସ, ୨୯।୮



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି ।

ରାୟଗଡ଼ା ସହର ନିକଟସ୍ଥ ପିତାମହଲ ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଜଗନ ଲିମା(୫) । ଚିକିତ୍ସାରେ ଅବହେଳା ଯୋଗୁ ଶିଶୁଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ହସପିଟାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା । ଜଗନ ଘରେ ଖଟ ଉପରେ ବସି ଟିଭି ଦେଖୁଥିଲେ । ଏହି ସମୟରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଗନଙ୍କ ମୃତ୍ୟୁ ହୋଇଥିଲା । ଡାକ୍ତରଙ୍କ ଉତ୍ତମ ଚିକିତ୍ସା ନ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରି ହୋହଲ୍ଲା କରିଥିଲେ । ଏମିତି କି ମୃତ ଦେହକୁ ଘରକୁ ନେବାକୁ ଜିଦ୍ ଧରିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଏ ନେଇ ଡା. ଆର୍ତ୍ତବନ୍ଧୁ ନାୟକଙ୍କୁ ପଚାରିବାରୁ, ଶିଶୁକୁ ମେଡିକାଲକୁ ଆଣିବାରେ ବିଳମ୍ବ ହେବାରୁ ତାହାର ମୃତ୍ୟୁ ହୋଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ।

### କୁଇଜ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୨୯।୮

ସ୍ୱାୟତ୍ତଶାସନ ଦିବସ ଅବସରରେ ରାୟଗଡ଼ା ପୌରପାଳିକା ଏବଂ ଜିଲା ସହରାଞ୍ଚଳ ଉନ୍ନତିକରଣ ସଂସ୍ଥା ପକ୍ଷରୁ ତେଜସ୍ୱୀ ହୋଟେଲରେ ଗୁରୁବାର ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ଅଧ୍ୟକ୍ଷତା କରିଥିଲେ। ପୌରାପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ଉପସ୍ଥିତ ଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।




କୁଇଜ୍ ପ୍ରତିଯୋଗିତାର ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

■ ମା' ବାପା ଚାଲିଯିବାର ଦୁଃଖ

# ମାନସିକ ଭାରସାମ୍ୟ ହରାଇଲେ ମେଧାବୀ ଯୁବକ

**ମାନବିକତା ଦେଖାଇ ପରିଷ୍କାର ପରିଚ୍ଛନ୍ନ କଲେ ଯୁବଗୋଷ୍ଠୀ**

ପଦ୍ମପୁର, ୨୯।୮(ଡି.ଏନ୍.ଏ.)



ଯୁବ ଅବସ୍ଥାରେ ମା', ବାପା ଛାଡି ଚାଲିଗଲେ। ଏହି ଦୁଃଖରେ ଭାରସାମ୍ୟ ହରାଇଲେ ଯୁବକ। ଗାଁ ଛାଡି ଘୂରି ବୁଲିଲେ ଏଣେ ତେଣେ। ଏହିପରି ଘୂରି ବୁଲୁଥିବା ବେଳେ ପହଞ୍ଚିଲେ ରାୟଗଡା ଜିଲାର ପଦ୍ମପୁର ଅଞ୍ଚଳରେ। ମୁଣ୍ଡରେ ଜଟା, ଶରୀର ଢାଙ୍କି ହୋଇଥିଲା ଚିରା ଛିଣ୍ଡା କପଡାରେ। ଲୋକଙ୍କ ଠାରୁ ଯାହା ମିଳେ ତାକୁ ଖାଇ ବଞ୍ଚନ୍ତି। ଖାଇବା ପସନ୍ଦ ନ ଆସିଲେ ଫିଙ୍ଗି ଦିଅନ୍ତି। ରହିବାକୁ ମଧ୍ୟ ସେପରି କିଛି ସ୍ଥାୟୀ ଠିକଣା ନ ଥିଲା। ବିଲ ବାଡି ଯେଉଁଠି ମିଳିଲା ସେଠି ଆଶ୍ରୟ ନେଇଥାନ୍ତି। ପଚାରିଲେ ଇଂରାଜୀରେ ସ୍ପଷ୍ଟ ଉତ୍ତର ଦେଇଥାନ୍ତି, ଯାହାକି ତାଙ୍କ ମେଧାବୀ ହେବାର ସୂଚନା ଦେଉଥିଲା। ତେବେ ବହୁ ଖୋଜାଖୋଜି ପରେ ଯୁବକଙ୍କ ପରିଚୟ ମିଳିଥିଲା। ଏହି ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଘର ରାୟଗଡା ଜିଲାର ପଦ୍ମପୁର ପାଖ ରାଡୁ ଗ୍ରାମରେ ବୋଲି ଜଣାପଡିଥିଲା। ତେବେ କେତେ ଜଣ ଗାଁ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ଯୁବକଙ୍କ ନାମ ଟଙ୍କଧର ବିଡିକା(୩୬) । ତାଙ୍କ ବାପାଙ୍କ ନାମ ଲମ୍ବୋଦର ବିଡିକା । ବାପା ଓ ମା'ଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇ ବୁଲୁଛନ୍ତି। ଟଙ୍କଧର ଜଣେ ମେଧାବୀ ଛାତ୍ର ଥିଲେ। ସେ ମାଟ୍ରିକ ପରୀକ୍ଷାରେ ୭୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ଯୁକ୍ତ ୨ବିଜ୍ଞାନ ପଢିଥିଲେ। ଦୀର୍ଘ ୩ବର୍ଷ ହେଲା ଗାଁ ଛାଡି ଏହିପରି ବୁଲୁଛନ୍ତି ବୋଲି ଲୋକେ କହୁଛନ୍ତି। ତେବେ ରାଡୁ ଗ୍ରାମର କିଛି ଯୁବ ଗୋଷ୍ଠୀଙ୍କୁ ନେଇ ଗଢି ଉଠିଥିବା ଆଦର୍ଶ ଯୁବ ସଙ୍ଗଠନ ଏହା ଜାଣିବା ପରେ ମାନବିକତା ଦେଖାଇଥିଲେ। ଟଙ୍କଧରଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିଥିଲେ। ତାଙ୍କ ଚୁଟି କାଟିବା ପରେ ସଫାସୁତୁରା କରି ନୂଆ ଡ୍ରେସ୍ ପିନ୍ଧାଇ ଖାଇବାକୁ ଦିଆ ଯାଇଥିଲା ବୋଲି ସଙ୍ଗଠନ ସମ୍ପାଦକ ଚିରଞ୍ଜୀବୀ ଗାଣ୍ଡା କହିଛନ୍ତି। ସଙ୍ଗଠନର ଦୁତିଆ ବିଡିକା, ସୁଶାନ୍ତ ବିଡିକା, ଅଶୋକ ଲିମା, ଭାସ୍କର ବିଡିକା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ତାଙ୍କ ଚିକିତ୍ସା ଓ ଥଇଥାନ ପାଇଁ ପ୍ରଶାସନ ପଦକ୍ଷେପ ନେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କ୍ରୀଡ଼ା ଦିବସରେ ବାହାରିଲା ଶୋଭାଯାତ୍ରା

ରାୟଗଡ଼ା ଅଫିସ ,୨୯।୮(ଡି.ଏନ୍.ଏ.)

ରାୟଗଡ଼ା ସହରରେ ଜାତୀୟ କ୍ରୀଡ଼ା ଦିବସ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଗଜପତି ଛକଠାରୁ ଏକ ଶୋଭାଯାତ୍ରା ବାହାରି ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ଜିସିଡି, ବାଳିକା ଉଚ୍ଚ ବିଦ୍ୟାଳୟ, ରାୟଗଡା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଓ୍ୱାକର୍ସ କ୍ଲବ, ଲାୟନ୍ସ କ୍ଲବର କର୍ମକର୍ତ୍ତା, ବିଜୁ ଯୁବ ବାହିନୀ, ସ୍ପୋର୍ଟ୍ସ କ୍ଲବର ସଦସ୍ୟମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳର ତାତ୍ପର୍ଯ୍ୟ ବିଷୟରେ କହିବା ସହ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ପିଏ ଆଇଟିଡିଏ ଟୁକୁ ବାରିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜିସିଡ଼ି ପଡିଆରେ ଭଲିବଲ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିଲା । ରାୟଗଡା ମ୍ୟୁନିସିପାଲିଟି ଏବଂ ବଜରଙ୍ଗୀ ଦଳ ମଧ୍ୟରେ ଆୟୋଜିତ ହୋଇଥିଲା । ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ଏସ୍.କେ. ଆଲିନୁର, କ୍ରୀଡା ଶିକ୍ଷକ ସୁଧୀର କୁମାର ସ୍ୱାଇଁ, ଗୌରୀ ପ୍ରସାଦ ସାହୁ, ପ୍ରମୋଦ କୁମାର ପ୍ରଧାନ, ଆଶିଷ କୁମାର ପୂଜାରୀ, ସୁନୀଲ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।




ଅତିଥି ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି ।